Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୧୯
Volum. - 21 ■ Issue No.- 19
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 | ୨୧ ମାର୍ଚ୍ଚ - ୨୭ ମାର୍ଚ୍ଚ ୨୦୨୧ | 21 Mar - 27 Mar 2021 | Odia Weekly | 8 Pages | Rs.2/- only

## ଭାରତର କେନ୍ଦ୍ରୀୟ ଲୋକସେବା ଆୟୋଗ ଏବଂ ଆଫଗାନିସ୍ତାନର ସ୍ୱାଧୀନ ପ୍ରଶାସନିକ ସୁଧାର ଓ ପ୍ରଶାସନିକ ସେବା ଆୟୋଗ ମଧ୍ୟରେ ଏମଓୟୁକୁ କ୍ୟାବିନେଟ ଅନୁମୋଦନ

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଭାରତର କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସସି) ଏବଂ ଆଫଗାନିସ୍ତାନର ସ୍ୱାଧୀନ ପ୍ରଶାସନିକ ସୁଧାର ଏବଂ ପ୍ରଶାସନିକ ସେବା ଆୟୋଗ (ଆଇଏଆରସିଏସସି) ମଧ୍ୟରେ ସ୍ୱାକ୍ଷରିତ ବୁଝାମଣାପତ୍ର (ଏମଓୟୁ)କୁ ମଞ୍ଜୁରି ମିଳିଛି । ଏହି ଏମଓୟୁ ଆଇଏଆରସିଏସସି ଏବଂ ୟୁପିଏସସି ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ । ଏହା ପ୍ରାର୍ଥୀ ଚୟନ କ୍ଷେତ୍ରରେ ଉଭୟ ପକ୍ଷଙ୍କୁ ଅଭିଜ୍ଞତା ଏବଂ ବିଶେଷଜ୍ଞତା ବିନିମୟ କରିବାରେ ସୁବିଧା ପ୍ରଦାନ କରିବ । ଏହି ପଦକ୍ଷେପ ଭାରତ ପାଇଁ ଏକ ଅତ୍ୟନ୍ତ ଉପାଦେୟ ପଦକ୍ଷେପ ହେବ ବୋଲି କୁହାଯାଇଛି । ବିଭିନ୍ନ ସରକାରୀ ଏଜେନ୍ସିଗୁଡ଼ିକୁ ମିଳିଥିବା କ୍ଷମତା ଅନ୍ତର୍ଗତ ଏଜେନ୍ସିଗୁଡ଼ିକ ଦ୍ୱାରା ପଦବୀରେ ନିଯୁକ୍ତିରେ ଗ୍ରହଣ କରାଯାଉଥିବା ପଦ୍ଧତି ଓ ପ୍ରକ୍ରିୟା ଉପରେ ଅଭିଜ୍ଞତା ବିନିମୟ କରିବା ଦିଗରେ ଏହା କାର୍ଯ୍ୟ କରିବ ।



### ବୁଝାମଣାପତ୍ର (ଏମଓୟୁ)ର ପ୍ରମୁଖ ବୈଶିଷ୍ଟ୍ୟ :

- ପ୍ରଶାସନିକ ସେବାରେ ନିଯୁକ୍ତି ଓ ଚୟନର ଆଧୁନିକ ଦୃଷ୍ଟିକୋଣ, ବିଶେଷ କରି ୟୁପିଏସସି ଓ ଆଇଏଆରସିଏସସିର କାର୍ଯ୍ୟ ସମ୍ପର୍କରେ ଅଭିଜ୍ଞତାର ବିନିମୟ ।
- ଗୋପନୀୟ ଶ୍ରେଣୀରେ ଆସୁନଥିବା ପୁସ୍ତକ, ମାର୍ଗଦର୍ଶିକା ପୁସ୍ତିକା ଏବଂ ଅନ୍ୟ ଦସ୍ତାବିଜ ସମେତ ସୂଚନା ଓ ବିଶେଷଜ୍ଞତାର ବିନିମୟ ।
- ଲିଖିତ ପରୀକ୍ଷା ପାଇଁ ପ୍ରସ୍ତୁତି ଏବଂ କମ୍ପ୍ୟୁଟର ଆଧାରିତ ନିଯୁକ୍ତି ପରୀକ୍ଷା ଓ ଅନଲାଇନ ପରୀକ୍ଷାର ଆୟୋଜନରେ ସୂଚନା ପ୍ରଯୁକ୍ତି (ଆଇଟି)ର ଉପଯୋଗରେ ବିଶେଷଜ୍ଞତାର ବିନିମୟ ।
- ଆବେଦନର ତୁରନ୍ତ ଯାଂଚ ଓ ଶୀଘ୍ର ସମାଧାନ ଲାଗି ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ଅଭିଜ୍ଞତା ବିନିମୟ ।
- ପରୀକ୍ଷା ପ୍ରଣାଳୀରେ ସାମିଲ ବିଭିନ୍ନ ପ୍ରକ୍ରିୟା ଉପରେ ଅଭିଜ୍ଞତା ଓ ବିଶେଷଜ୍ଞତା ବିନିମୟ ।
- ଅଧିକାରୀମାନଙ୍କ ପାଇଁ ପ୍ରଶିକ୍ଷଣ ଅଧିବେଶନ ଆୟୋଜନ କରିବା, ଏଥିରେ ପକ୍ଷମାନଙ୍କୁ ମିଳୁଥିବା କାର୍ଯ୍ୟାଦେଶ ସହ ଜଡ଼ିତ ସମସ୍ତ ମାମଲାରେ ପକ୍ଷମାନଙ୍କୁ ସଚିବାଳୟ/ମୁଖ୍ୟାଳୟ ସହ ଅଳ୍ପ ଅବଧି ନିମନ୍ତେ ଯୋଡ଼ିବା ଆଦି ସାମିଲ ରହିଛି ।
- ବିଭିନ୍ନ ସରକାରୀ ଏଜେନ୍ସିଗୁଡ଼ିକୁ ମିଳିଥିବା କ୍ଷମତା ଅନ୍ତର୍ଗତ ଏଜେନ୍ସିଗୁଡ଼ିକ ଦ୍ୱାରା ପଦବୀରେ ନିଯୁକ୍ତିରେ ଗ୍ରହଣ କରାଯାଉଥିବା ପଦ୍ଧତି ଓ ପ୍ରକ୍ରିୟା ଉପରେ ଅଭିଜ୍ଞତା ବିନିମୟ କରିବା ।

## ନିଆଁ ଲଗାଇବା ଅଭିଯୋଗରେ ବନ ବିଭାଗ ଦ୍ୱାରା ଯୁବକ ଗିରଫ

ସୁବର୍ଣ୍ଣପୁର, (ନିପ୍ର) : ନିଆଁ ଲଗାଇବା ଅଭିଯୋଗରେ ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବନାଂଚଳ ଅନ୍ତର୍ଗତ ଖରାପୁରା ସେକ୍ସନର ଜଣେ ଯୁବକକୁ ବନ ବିଭାଗ ଗିରଫ କରିଛି । ସଂପୃକ୍ତ ଅଭିଯୁକ୍ତ ଯୁବକ ଜଣକ ସିଂହାସନ ସଂରକ୍ଷିତ ଜଙ୍ଗଲରେ ଗତ ସଂଧ୍ୟାରେ ନିଆଁ ଲଗାଇଥିବା ଅଭିଯୋଗ ହୋଇଥିବା ବେଳେ ବନବିଭାଗ ଚଢ଼ାଉ କରି ଯୁବକଙ୍କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ



ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତ ଜଣକ ଶୁଲିଆ ଗ୍ରାମର ହରିହର ମହନ୍ତ (୪୪) ବୋଲି ସୂଚନା ମିଳିଛି । ଅଭିଯୁକ୍ତ ନିକଟରୁ ମାଚିସ ପ୍ୟାକେଟ ଏବଂ ଏକ ଟାଙ୍ଗିଆ ଜବତ କରାଯାଇଛି । ବନପାଳ ଦିନେଶ କୁମାର ମାଝୀ ସମେତ ବନ କର୍ମଚାରୀ ପଦ୍ମଲୋଚନ ଭୋଇ, ରୋହିତ ଗହିର, ବିରମଣୀ ବଗର୍ତି ପ୍ରମୁଖ ପେଟ୍ରୋଲିଂ କରୁଥିବା ବେଳେ ହରିହର ଜଙ୍ଗଲରେ ନିଆଁ ଲଗାଉଥିବା ଦେଖିବାକୁ ପାଇଥିଲେ ।

## ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶୁଭ ଉଦଘାଟନ କଲେ 'ମୋ କଲେଜ ଅଭିଯାନ'



ଟିଟିଲାଗଡ, (ନିପ୍ର) : ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ' କଲେଜ ଅଭିଯାନର ଶୁଭ ଉଦଘାଟନ କରିଛନ୍ତି । ସାରା ଓଡ଼ିଶାର ୭୫୫ଟି କଲେଜରେ ଏହି ଉଦଘାଟନ ସମାରୋହ ଭିଡିଓ କନଫରେନ୍ସ ମାଧ୍ୟମରେ ଚାଲିଥିଲା । ଡିଏଭି ମହାବିଦ୍ୟାଳୟରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ମୋ କଲେଜ ଅଭିଯାନର ଉଦଘାଟନ ଭିଡିଓ କନଫରେନ୍ସ ମାଧ୍ୟମରେ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ । କଲେଜରେ ପଢ଼ିଥିବା ପୁରାତନ ଛାତ୍ରଛାତ୍ରୀ ମାନେ ମୋ କଲେଜ ଅଭିଯାନରେ ନିଜର ନିଜ ପଢ଼ିଥିବା କଲେଜକୁ ଆର୍ଥିକ ସହାୟତା କରିବେ । ଏହା ସହ ଯିଏ ଯେଉଁ ଦିଗରେ ନିଜର ଜ୍ଞାନ ଓ କୌଶଳ ବଳରେ କୃତିତ୍ୱ ଅର୍ଜନ କରିଛନ୍ତି, ସେମାନେ ନିଜ ନିଜ ଜ୍ଞାନକୁ ବର୍ତ୍ତମାନ ପଢ଼ୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଆହ୍ୱାନ କରିଛନ୍ତି । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁଙ୍କ ସ୍ୱାମୀ ସ୍ୱର୍ଗତ ଅଭିମନ୍ୟୁ ସାହୁ ଏହି ଡିଏଭି ମହାବିଦ୍ୟାଳୟରେ ପଢ଼ିଥିବା ମନ୍ତ୍ରୀ ତାଙ୍କ ଅନୁଦାନ ପାଣ୍ଠିରୁ ଦୁଇ ଲକ୍ଷ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି ।

## ବିଜୁ ଯୁବ ଜନତା ତରଫରୁ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ରକ୍ତଦାନ ଶିବିର ଆୟୋଜନ



ବରଗଡ, (ନିପ୍ର) : ଆଜି ବିଜୁ ଯୁବ ଜନତା ଦଳ, ସୋହେଲା ବ୍ଲକ ତରଫରୁ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ମନ୍ତ୍ରୀ ସୁଶାନ୍ତ ସିଂହ ଯୋଗ ଦେଇ ଫିତା କାଟି ଶିବିରକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ଯୁବନେତା ସୁବ୍ରତ ସିଂହ ଯୋଗଦେଇ ନିଜେ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିରରୁ ବରଗଡ ରକ୍ତ ଭଣ୍ଡାର ଦ୍ୱାରା ୧୩୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଶିବିରରେ ଜିଲ୍ଲା ପରିଷଦ ସଭ୍ୟ ସୁବ୍ରତ ବେହେରା, ଓଏମପି.ର ଗୌରହରି ମିଶ୍ର, ଜୀବନ ବିନ୍ଦୁର ଅଶ୍ୱିନୀ ତ୍ରିପାଠୀ, ଯୁବ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ଜୀବନ୍ତନ ବରିହା, ରାହୁଲ ସାହୁ, ନୀଲୁ ଝାଙ୍କର, ହିରୋ ମାଝୀ, ସୁରେଶ ବାଗ, ପ୍ରକାଶ ପାତ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜଙ୍ଗଲ ଜୀବନ ଅଭିଯାନ ପକ୍ଷରୁ ଅଭିନବ ଉପାୟରେ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ, (ନିପ୍ର) : ବଲାଙ୍ଗିର ବନଖଣ୍ଡ ଅଧିନରେ ଥିବା ଦେଓଗାଁ ବନାଂଚଳରେ ଜଙ୍ଗଲ ଜୀବନ ଅଭିଯାନ ପକ୍ଷରୁ ଜଙ୍ଗଲରେ ନିଆଁ ନଲଗାଇବା ପାଇଁ ଅଭିନବ ଉପାୟରେ ସଚେତନତା ସୃଷ୍ଟି କରାଯାଇଛି । ରବିବାର ଦେଓଗାଁ ରେଞ୍ଜର ଦେଓଗାଁ ଦୈନିକ ବଜାର, ଗୁଡ଼ିପାଲି, ରତନପୁର ଗାଁରେ ପାଟଣାଗଡ ବ୍ଲକ ଧୁମାଭଟା ଗାଁର କଳାକାର ସଂଘ ପକ୍ଷରୁ ପାଲା ଗୁରୁ ଜନାର୍ଦ୍ଦନ ବୁଡେକ ଓ ଦଳ ଜଙ୍ଗଲର ନିଆଁ ନ ଲଗାଇବା ଓ ନିଆଁ ଲାଗିଲେ କଣ କ୍ଷତି ହେଉଛି ସେହି ବିଷୟରେ ପାଲା ମାଧ୍ୟମରେ ସଚେତନା ସୃଷ୍ଟି କରିଥିଲେ । ଆଗାମୀ ଦିନରେ ରାଏପାଲି, କନକପୁର, ଗଡ଼ଦ୍ୱାର ସମେତ ଦେଓଗାଁ ବନାଂଚଳରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରିବାକୁ ଲକ୍ଷ୍ୟ କରାଯାଇଛି ବୋଲି ଫରେଷ୍ଟର ବାବୁଲା ଦାଶ କହିଛନ୍ତି ।



# ଏନ୍‌ଆଇଟି ରାଉରକେଲାର ସମାବର୍ତ୍ତନ ଉତ୍ସବରେ ମାନନୀୟ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଉଦ୍‌ବୋଧନ



ରାଉରକେଲା, (ପିଆଇବି) : ଏନ୍‌ଆଇଟି ରାଉରକେଲାର ଅଷ୍ଟାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଥିବାରୁ ମୁଁ ବିଶେଷ ଆନନ୍ଦିତ । ରାଉରକେଲା ଏନଆଇଟି ଚଳିତ ବର୍ଷ ଏହାର ହୀରକ ଜୟନ୍ତୀ ପାଳନ କରିବାକୁ ଯାଉଥିବା ଜାଣି ମୁଁ ଅତ୍ୟନ୍ତ ଖୁସି । ଆଜିର ଓଡ଼ିଶା, ଇତିହାସ ଓ ସଂସ୍କୃତି ଦୃଷ୍ଟିରୁ ବେଶ୍ ସମୃଦ୍ଧ । ବହୁ ପୁରୁଣା କାଳରୁ ଏହା ବିଜ୍ଞାନ ଭିତ୍ତକ ଆଭିମୁଖ୍ୟର ଭୂମି ଥିଲା । ୮୦୦ ବର୍ଷ ପୂର୍ବରୁ ନିର୍ମିତ ହୋଇଥିବା କୋଣାର୍କର ସୂର୍ଯ୍ୟ ମନ୍ଦିର କଳା ଓ ବିଜ୍ଞାନର ଏକ ଅନୁପମ ସମନ୍ୱୟ । ଆସନ୍ତା କାଲି ମୁଁ ଏହି ମନ୍ଦିର ପରିଦର୍ଶନରେ ଯିବି । ଏହା ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳୀ ତାଲିକାରେ ସ୍ଥାନିତ ହୋଇଛି । ସ୍ୱାଧୀନତା ପରେ ଓଡ଼ିଶା ଆମ ରାଷ୍ଟ୍ରର ପୁନଃ ନିର୍ମାଣ କାର୍ଯ୍ୟରେ ସଂପୃକ୍ତ ହୋଇଆସିଛି । ଏହି ରାଉରକେଲାରେ ମୋର ମହାନ ପୂର୍ବଜ ତଥା ଦେଶର ପ୍ରଥମ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଭାରତର ଏକ ବୃହତ୍ ଷ୍ଟିଲ ପ୍ଲାଂଟର ପ୍ରଥମ ବ୍ଲାଷ୍ଟ ଫର୍ଣ୍ଣେସକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଭାରତର ଅନ୍ୟତମ ପ୍ରଥମ ଶିଳ୍ପ ନଗରୀ ଭାବେ ପରିଚିତ ରାଉରକେଲା ଆଧୁନିକତା ସହତାଳ ଦେଇ ଆଗେଇ ଚାଲିଛି । ଏନ୍‌ଆଇଟି ପୂର୍ବଭାରତର ଦ୍ୱିତୀୟ ସର୍ବବୃହତ୍ ସରକାରୀ ବୈଷୟିକ ପ୍ରତିଷ୍ଠାନ ଭାବେ ଇଂଜିନିୟରିଂ ଓ ଟେକ୍‌ନୋଲୋଜି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛି । ଛ' ଦଶକରୁ ଅଧିକ କାଳ ଧରି ଏହି ଇଂଜିନିୟରିଂ କଲେଜ ଦେଶର ବୈଷୟିକ ବୃତ୍ତିଧାରୀଙ୍କୁ ସମୃଦ୍ଧ କରିଆସୁଛି । ୨୦୦୨ରେ ଏହାକୁ ଜାତୀୟ ବୈଷୟିକ ପ୍ରତିଷ୍ଠାନରେ ମାନ୍ୟତା ପ୍ରଦାନ କରାଯାଇଥିଲା । ଆମ ସମାଜ ଓ ଅର୍ଥନୀତି ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ପାଇଁଏହି ଅନୁଷ୍ଠାନର ଯୁବ ଛାତ୍ରଛାତ୍ରୀମାନଙ୍କୁ ସମାଧାନର ସୂତ୍ର ବାହାର କରିବା ପାଇଁ ସୁଯୋଗ ଦିଆଯାଉଥିବା ଜାଣି ମୁଁ ଖୁସି ।

ଏ କଥା ଜାଣି ମୁଁ ଆହୁରି ଆନନ୍ଦିତ ଯେ ରାଉରକେଲା ଏନ୍‌ଆଇଟିରେ ସମଗ୍ର ଦେଶର ବିଭିନ୍ନ ଭାଗରୁ ଏବଂ ବିଦେଶରୁ ଛାତ୍ରଛାତ୍ରୀ ଆସି ପାଠ ପଢୁଛନ୍ତି । ଏହି ଅନୁଷ୍ଠାନରେ ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ ୩୩ଟିରୁ ଛାତ୍ରଛାତ୍ରୀ ଆସି ପାଠ ପଢୁଥିବାରୁ ମୁଁ ବିଶେଷ ଖୁସି । ଆହୁରି ମଧ୍ୟ ମୁଁଜାଣିବାକୁ ପାଇଲି ଯେ ଏଠାରେ ୧୭ଟି ଦେଶରୁ ପିଲା ଆସି ପାଠ ପଢୁଛନ୍ତି ଏବଂଏହା ଏକ ବଡ଼ ଆନନ୍ଦର ବିଷୟ । ଏହି ୭୦୦ ଏକର ବିଶିଷ୍ଟ କ୍ୟାମ୍ପସରେ ୭୦୦୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢିବା ଘଟଣା ଏକ ବିବିଧତାର ପରିଚୟ ବହନ କରେ । ଶିକ୍ଷାକ୍ଷେତ୍ରରେ ଜ୍ଞାନର ସଂଗମକୁ ଏହା ଉତ୍ସାହିତ କରିବା ସହ ବିଭିନ୍ନ ସଂସ୍କୃତି ମଧ୍ୟରେ ବୁଝାମଣାକୁ ପ୍ରୋତ୍ସାହିତ କରିବ । ଏହା ମଧ୍ୟ ଦେଶ-ଦେଶ ମଧ୍ୟରେ ଲୋକସ୍ତରୀୟ ସଂପର୍କ ବୃଦ୍ଧିରେ ସହାୟକ ହେବ । ଏହି ଅନୁଷ୍ଠାନର ୨୫୦୦୦ରୁ ଅଧିକ ପୂର୍ବତନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅନେକ ଉଦ୍ୟୋଗ ଜଗତ, ଶିକ୍ଷା, ଗବେଷଣା ଆଦି କ୍ଷେତ୍ରରେ ଦେଶ ବିଦେଶରେ ନେତୃତ୍ୱ ସ୍ଥାନରେ ରହିଛନ୍ତି । ଏହି ମର୍ଯ୍ୟାଦାପୂର୍ଣ୍ଣ ଅନୁଷ୍ଠାନର ପ୍ରାକ୍ତନ ଛାତ୍ରଛାତ୍ରୀ ଏନ୍‌ଆଇଟି ରାଉରକେଲାର ବିଦ୍ୟାର୍ଥୀଙ୍କ ପାଇଁ ନିଶ୍ଚୟ ପ୍ରେରଣାର ଉତ୍ସ ହେବେ । ମୁଁ ନିଶ୍ଚିତ ଯେ ଆଜି ଯେଉଁ ଛାତ୍ରଛାତ୍ରୀ ସ୍ନାତକ ହେବେ ସେମାନେ ଅନୁଷ୍ଠାନର ସେହି ଉଚ୍ଚ ପରମ୍ପରାକୁ ବଜାୟ ରଖିବେ ।

ପ୍ରିୟ ଛାତ୍ରଛାତ୍ରୀ,

ସ୍ନାତକତ୍ୱ ଲାଭ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ । ମୁଁ ନିଶ୍ଚିତ ଯେ ଆପଣମାନେ ସମସ୍ତେ ଏହି ପର୍ଯ୍ୟାୟରେ ପହଂହିବା ପାଇଁ କଠୋର ପରିଶ୍ରମ କରିଥିବେ । ଆହୁରି ମଧ୍ୟ ବିଶ୍ୱ ପାଇଁ ଅବଦାନ ରଖି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାକୁ ଆପଣମାନେ ବିଶେଷ ଆଗ୍ରହୀ ଥିବେ ବୋଲି ମୋର ବିଶ୍ୱାସ । ଆଜି ଆପଣମାନେ ଅସଂଖ୍ୟ ସ୍ମୃତିବହନ କରୁଥିବେ । ମୁଁ ଜାଣିବାକୁ ପାଇଲି ଯେ ଆପଣଙ୍କର ଏହି ସୁନ୍ଦର କ୍ୟାମ୍ପସରେ ଅତିରିକ୍ତ ପାଠ୍ୟକ୍ରମର ଅନେକ ସୁବିଧା ରହିଛି । ବିତର୍କ, ନାଟକ, ସଂଗୀତ ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏଠାରେ ଅନେକ କ୍ଲବ ରହିଛି । ମୁଁ ଜାଣିବାକୁ ପାଇଲି ଯେ, ଏଠାରେ ମଧ୍ୟ ମାଭେରିକ୍ସ ଓ ପାଣ୍ଟୋମାଇମ୍ ଭଳି ବେଶ୍ ମଜାଦାର ନାମ ସବୁ ଏଠାରେ ରହିଛି । ଆହୁରି ମଧ୍ୟ ଜାଣିବାକୁ ପାଇଲି ଏଠାରେ ଏପରି କ୍ୟାଣ୍ଟିନ ରହିଛି, ଯାହାର ନାମ ହେକ୍ସାଗନ । ସେହି ଭଳି ହୋମିଭାବାଙ୍କ ଭଳି ପ୍ରସିଦ୍ଧ ନାମବହନ କରୁଥିବା କ୍ୟାଂଟିନ ମଧ୍ୟ ଏଠାରେ ରହିଛି । ଅବଶ୍ୟ ଲୋକେ ଏହାକୁ ସଂକ୍ଷେପରେ ଏଚ୍‌ବି କ୍ୟାଂଟିନ କହିଥାନ୍ତି ।

ଏହି ସ୍ୱଳ୍ପ ଆନନ୍ଦ ଓ ବିଷାଦ, ଯାହା ଆପଣ ଏଠାରେ ଅନୁଭବ କରୁଛନ୍ତି, ତାହା ବାହାରେ ଏକ ବିରାଟ ଦାୟିତ୍ୱ ରହିଛି । ସେ ଦାୟିତ୍ୱ ଆପଣଙ୍କୁ ନିର୍ବାହ କରିବାକୁ ପଡିବ । ଆପଣମାନଙ୍କର ଶିକ୍ଷା ଓ ସଫଳତା ପାଇଁ ଦେଶ ଓ ସମାଜ ଯାହା ଦେଇଛି ତାହା ଆପଣଙ୍କୁ ପ୍ରତିଦାନରେ ଫେରାଇବାକୁ ହେବ । ଆପଣମାନଙ୍କ ମଧ୍ୟରୁ କେତେକ ଚାକିରି କରିପାରନ୍ତି । ଆଉ କେତେକ ଉଚ୍ଚ ଶିକ୍ଷା ପାଇଁ ଯାଇପାରନ୍ତି । ନିଜ ଜୀବନର ଯେଉଁ ପର୍ଯ୍ୟାୟରେ ଆପଣମାନେ ନିଜକୁ ପାଇଛନ୍ତି ସେଠି ବାସ୍ତବରେ ଅନେକ ସ୍ୱପ୍ନ ଓ ଅଭିଳାଷା ରହିଛି । ଅନ୍ୟପଟରେ ମଧ୍ୟ ଏହି ପର୍ଯ୍ୟାୟରେ ଅନିଶ୍ଚିତତା ଓ ଆଶଙ୍କାର ମଧ୍ୟ ଅବକାଶ ଅଛି । ଏହି ସମୟ ଜୀବନର ବଡ଼ ନିଷ୍ପତ୍ତି ନେବାର କ୍ଷଣ । ନୂଆ ଚାକିରି ଆରମ୍ଭ କରିବା ସ୍ୱପ୍ନ ସାକାର ପାଇଁ ଉଦ୍ୟମ ଚଳାଇବା, ପରିବାରକୁ ସହାୟତା ଦେବା ବା ଅନ୍ୟ କିଛି ନୂଆ କରିବା ଏହି ପର୍ଯ୍ୟାୟରେ ଆରମ୍ଭ ହୋଇଥାଏ । ଏସବୁ କରିବା ଭିତରେ ଆପଣମାନେ ସମସ୍ତେ ଆତ୍ମନିରୀକ୍ଷଣ କରିବାକୁ ମୁଁ ପ୍ରସ୍ତାବ ଦେଉଛି ଜୀବନରେ କେଉଁ ମୂଲ୍ୟବୋଧ ଓ ନୀତି ଉପରେ ଆପଣ ଦଣ୍ଡାୟମାନ, ଆପଣ କିପରି ବୃତ୍ତି ଗ୍ରହଣ କରିବାକୁ ଚାହୁଁଛନ୍ତି ? ଆପଣ କିପରି ବ୍ୟକ୍ତି ହେବାକୁ ଚାହାନ୍ତି ? କାରଣ ଆପଣ କିପରି ଲୋକ ହେବାକୁ ଚାହାନ୍ତି ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ମୁଁ ଜାଣେ ପ୍ରତ୍ୟେକ ବ୍ୟକ୍ତି ଜଣେ ସୁନାଗରିକ ହେବାକୁ ଚାହାନ୍ତି । ପ୍ରତ୍ୟେକ ଉତ୍ତମ ନାଗରିକ ଦେଶର ସ୍ୱାର୍ଥକୁ ସର୍ବଦା ଅଗ୍ରାଧିକାର ଦେଇଥାନ୍ତି ।

ମୋର ପ୍ରସ୍ତାବନା ହେଲା ଆପଣମାନେ ଜୀବନ ସାରା ମହାତ୍ମାଗାନ୍ଧୀଙ୍କ ପ୍ରଖ୍ୟାତତାବିଜ କଥା ସ୍ମରଣ କରନ୍ତୁ । ଏହି ତାବିଜର ବାର୍ତ୍ତା ହେଲା ଆପଣ କୌଣସି କାର୍ଯ୍ୟ କରିବା ବେଳେ ଆପଣ ଦେଖିଥିବା ଦରିଦ୍ରତମ ଓ ଦୁର୍ବଳତମ ବ୍ୟକ୍ତିଟିର ମୁହଁ ମନେ ପକାନ୍ତୁ । ଆପଣଙ୍କ କାର୍ଯ୍ୟ ଦ୍ୱାରା ସେ ଲୋକଟିର କିଛି ଉପକାର ହେବ କି ନାହିଁ ସେ କଥା ଭାବନ୍ତୁ । ଆପଣଙ୍କ କାମ ଦ୍ୱାରା ସେହି ଲୋକଟିର ଭାଗ୍ୟରେ ପରିବର୍ତ୍ତନ ଘଟେ ବୋଲି ଆପଣ ଯଦି ବିଚାର କରନ୍ତି, ତଦନୁସାରେ କାର୍ଯ୍ୟ କରନ୍ତୁ । ଆପଣମାନଙ୍କୁ ମୋର ପରାମର୍ଶ ହେଲା, ବସ୍ତୁବାଦୀ ଲାଭରେ ନିଜର ସଫଳତାକୁ ବିଚାର କରନ୍ତୁ ନାହିଁ । ସାମାଜିକ ଏବଂ ପାରମ୍ପରିକ ସଫଳତାର ବିଚାରଜନିତ ଚାପ ଭିତରେ ନିଜକୁ ସଂକୁଚିତ ନ ରଖି ତାହାଠାରୁ ଉପରକୁ ଉଠନ୍ତୁ । ନିଜ ଜୀବନରେ ଆପଣ ଯଥାର୍ଥରେ କ'ଣ କରିବାକୁ ଚାହାନ୍ତି ତାହା ସ୍ଥିର କରନ୍ତୁ । ଯେଉଁ କାମରେ ନିଜକୁ ଆତ୍ମସନ୍ତୋଷ ଓ ଖୁସି ମିଳୁଛି ସେହି କାମ ବାଛନ୍ତୁ ଏବଂ ଏହା ହିଁ ଆପଣଙ୍କୁ ପୂର୍ଣ୍ଣତା ଆଣି ଦେଇପାରିବ । ଯାହା ଆପଣଙ୍କୁ ଆକାଂକ୍ଷାର ନିକଟବର୍ତ୍ତୀ କରି ପାରିବ ତାହା ହିଁ କରନ୍ତୁ । ଯେଉଁ କାର୍ଯ୍ୟ ଦ୍ୱାରା ଆପଣଙ୍କ ପରିବାର ଗର୍ବିତ ହୋଇପାରିବେ ସେହି କାମ କରନ୍ତୁ । ନିଜର ଏକ ଫଳପ୍ରଦ, ସଫଳମାର୍ଗ ନିଜେ ପ୍ରସ୍ତୁତ କରି ସେଥିରେ ଆଗେଇ ଚାଲନ୍ତୁ ।

ଏହା ଆପଣଙ୍କର ପରିବାର, ବନ୍ଧୁବାନ୍ଧବ, ଅଭିଭାବକ ଓ ଦିଗ୍‌ଦର୍ଶକମାନଙ୍କ ପାଇଁ ମଧ୍ୟ ଆନନ୍ଦ ଓ ସନ୍ତୋଷରକ୍ଷଣ । ସେମାନେ ଆପଣଙ୍କ ଯାତ୍ରାରେ ଅନେକ ସହଯୋଗ ଯୋଗାଇଛନ୍ତି । ସବୁ ଡିଗ୍ରୀଧାରୀ ଏବଂ ପଦକ ବିଜେତା ଯେଉଁମାନେ ଏଠି

(ଷଷ୍ଠ ପୃଷ୍ଠା ଦେଖନ୍ତୁ)

## ସଂପାଦକୀୟ

# ସମ୍ବର୍ଦ୍ଧନା ମହାମେଳା

ଯୋଗାଡ଼ିଆମାନଙ୍କ ଦ୍ୱାରା ଉଦ୍‌ଭାବିତ ନୂତନ ଶୈଳୀରେ ସାହିତ୍ୟିକ ଜଣଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଅନ୍ୟ ସାହିତ୍ୟିକ ମାନେ ଲୋଡ଼ା ହୁଅନ୍ତିନାହିଁ । ଶିକ୍ଷକ ବା ସାମ୍ବାଦିକ ଜଣଙ୍କର ସମ୍ବର୍ଦ୍ଧନା କରିବାକୁ ସେମାନଙ୍କ ସାଧନା କ୍ଷେତ୍ରସ୍ଥ ଅନ୍ୟ କୌଣସି ଅନୁଗାମୀ ବା ଅନୁରାଗୀ ପ୍ରୟୋଜନ ହୁଅନ୍ତି ନାହିଁ । କିଏ କେଉଁ କୃତିତ୍ୱ ପାଇଁ ବା କେଉଁ ସୃଜନ କର୍ମ ପାଇଁ ପୁରସ୍କୃତ ବା ସମ୍ମାନିତ ହେଉଛନ୍ତି, ତାର ବିଷଦ୍ ଆଲୋଚନା ଦରକାର ପଡ଼େ ନାହିଁ । କେବଳ ମନ୍ତ୍ରୀ, ରାଜ୍ୟପାଳ ବା ସେମିତି ପଦସ୍ଥ କେହି ଜଣଙ୍କୁ ବରଣ କରିପାରିଲେ ହିଁ ହେଲା । ତା'ପାଇଁ ତ' ସ୍ୱାଗତମ୍ ଧ୍ୱନି, ବର୍ଣ୍ଣାଢ଼୍ୟ ତୋରଣ, ମାନପତ୍ର ଓ ପୂର୍ଣ୍ଣକୁମ୍ଭ ସ୍ଥାପନର ବ୍ୟବସ୍ଥା ସ୍ୱତଃସିଦ୍ଧ । ଯୋଗାଡ଼ିଆମାନେ ସମ୍ବର୍ଦ୍ଧନା ଲାଭର ଏଇ ନୂତନ କୌଶଳରେ ଏକାନ୍ତ ଭାବେ ବିଶ୍ୱାସୀ । ତେଣୁ ସେମାନେ ପ୍ରାୟତଃ ଆପଣା ପାଇଁ ସମ୍ବର୍ଦ୍ଧନାର ଆୟୋଜନ କରିବା ବେଳେ ଅନ୍ୟ କ୍ଷେତ୍ରର କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ନ ଲୋଡ଼ି କେବଳ ମନ୍ତ୍ରୀ ବା ପଦସ୍ଥ ବ୍ୟକ୍ତିଙ୍କୁ ବରଣ କରି ଆଣିବା ଉପରେ ଗୁରୁତ୍ୱ ଦିଅନ୍ତି । କାରଣ ତାହା ହେଉଛି ତାଙ୍କ ପାଇଁ ଏକମାତ୍ର ସୁଗମ ବ୍ୟବସ୍ଥା- ଯାହା ମାଧ୍ୟମରେ 'କୁସୁମ ପରସେ ପଟ ନିସ୍ତରେ' ନ୍ୟାୟରେ ମନ୍ତ୍ରୀଙ୍କ ପାଇଁ ନିର୍ମିତ ସ୍ୱାଗତ ତୋରଣ ଓ ପୂର୍ଣ୍ଣ କଳସର ପରିବେଶରେ ସେମାନେ ନିଜକୁ ସ୍ୱତଃ ହିଁ ଉଚ୍ଛ୍ୱସିତ ଭାବେ ସମ୍ବର୍ଦ୍ଧିତ କରାଇ ନେଇ ପାରିବେ । ଯୋଗାଡ଼ିଆଙ୍କୁ ଏହି ବ୍ୟବସ୍ଥା ବଡ଼ ସୁହାଏ । ଏହି ବ୍ୟବସ୍ଥା ସେମାନଙ୍କର ନିରାପଦ ଆଶ୍ରୟ ସ୍ଥଳୀ । ମନ୍ତ୍ରୀଙ୍କ ଶ୍ରୀ ହସ୍ତରୁ କିଛି ପୁରସ୍କାର ଲକ୍ଷ ମୁଦ୍ରା ଓ ଉପାୟଜନ ମିଳିଯିବା ପରେ ତେଣିକି ସେମାନଙ୍କୁ ସିଦ୍ଧ ପୁରୁଷର ସ୍ତରକୁ ଉଠିଗଲା ଭଳି ଲାଗେ । ଏଭଳି ଉତ୍ସବମାନଙ୍କର ବଡ଼ ବଡ଼ ବିଜ୍ଞାପନ ଓ ଫଟୋ ଛପା ହେବାର ବ୍ୟବସ୍ଥା କରିଦେଇ ଯୋଗାଡ଼ିଆ ରାମିଆ ମାନେ ତେଣିକି ମନକୁ ମନ ରାମଚନ୍ଦ୍ର ବନି ଯାଆନ୍ତି ଓ ତାଙ୍କ ସ୍ୱଭାବ ସୁଲଭ ଢ଼ଙ୍ଗରେ ସେହି କଥା ହିଁ ଲୋକ ଲଗାଇ କହି ବୁଲନ୍ତି ।



# ଜିଲ୍ଲାରେ ଦଣ୍ଡନୃତ୍ୟକୁ ଅନୁମତି ଦେବାକୁ ଜନ ଅଧିକାର ସୁରକ୍ଷା ମଂଚର ଦାବୀପତ୍ର






ବୌଦ୍ଧ, (ନିପ୍ର) : ବୌଦ୍ଧ ଜିଲ୍ଲା ଦଣ୍ଡନୃତ୍ୟର ଉତ୍ପତିସ୍ଥଳ ଓ ଏ ଅଂଚଳର ଆଧାତ୍ମିକ ଭାବଧାରା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ । କରୋନା ଯୋଗୁଁ ଗାଆଁକୁ ଗାଆଁ ଯାଇ ଦଣ୍ଡ ନୃତ୍ୟ କରିବା ଉପରେ ବୌଦ୍ଧ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ଗତ ୧୮ ତାରିଖରେ ଲଗାଇଥିବା ପ୍ରତିବନ୍ଧକ ଉପରେ ଅସନ୍ତୋଷ ପ୍ରକାଶ କରିଛି ବୌଦ୍ଧ ଜିଲ୍ଲା ଜନ ଅଧିକାର ସୁରକ୍ଷା ମଂଚ । ଜିଲ୍ଲାପାଳ ତାଙ୍କ ଆଦେଶର ପୁନଃବିଚାର କରି ଦଣ୍ଡ ଯାତ୍ରାକୁ ଅନୁମତି ଦେବାକୁ ଅନୁରୋଧ କରିଛି ମଂଚ । ଜନ ଅଧିକାର ସୁରକ୍ଷା ମଂଚର ସଭାପତି ଅବଦୁଲ୍ ହଲିମ୍ ଖାନ୍ ଓ ଆବାହକ ସତ୍ୟଜିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଦଣ୍ଡ ଯାତ୍ରା ଆୟୋଜକ ମାନଙ୍କ ସହ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ବ୍ୟକ୍ତିଗତ ସହାୟକଙ୍କୁ ଏକ ୫ ଦଫା ଦାବୀପତ୍ର ପ୍ରଦାନ କରିଛନ୍ତି ।

ଜନ ଅଧିକାର ସୁରକ୍ଷା ମଂଚ କହିଛି ଦଣ୍ଡ ଯାତ୍ରା ବନ୍ଦ ହେଲେ ଶୈବ ପୀଠର ସେବାୟତ, କଳାକାର ଓ ଭକ୍ତଙ୍କ ଜୀବନ ଜୀବିକା ଏବଂ ଆଧାମିକ ଭାବନାରେ ସଂକଟ ଆସିବ । ସେହିପରି ଭକ୍ତ ମାନଂକ ଅଭୀଷ୍ଟ ପୁରଣ ପରେ କିମ୍ବା ମାନସିକ ରଖି ଦଣ୍ଡକୁ ବରଣ କରି ଦେବ ଋଣ ପରିଶୋଧ କରିବାର ବିଶ୍ୱାସ ରଖିଥାନ୍ତି । ଦଣ୍ଡ ନ ରଖିଲେ ନିଜ ପୁଅ ଝିଅଙ୍କ ବିବାହ କାର୍ଯ୍ୟ କରନ୍ତି ନାହିଁ । ସେଥିପାଇଁ ସେମାନଙ୍କ ମାଙ୍ଗଳିକ କାର୍ଯ୍ୟରେ ବିଳମ୍ବ ଘଟୁଛି ।

ଏହା ସହିତ ମଂଚ କହିଛି ଜିଲ୍ଲାରେ ବହୁ ଲୋକ ସମାଗମରେ ବିବାହ, ବ୍ରତ, ମାଙ୍ଗଳିକ କାର୍ଯ୍ୟ, ମୃତାହ କାର୍ଯ୍ୟ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ସଭା / ସମାବେଶ ହୋଇ ପାରୁଥିବା ବେଳେ ଦଣ୍ଡ ଯାତ୍ରାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଗଞ୍ଜାମ ଭଳି କରୋନାର ହଟସ୍ପଟ୍ ଜିଲ୍ଲାରେ ଜିଲ୍ଲାପାଳ ଦଣ୍ଡଯାତ୍ରାକୁ ଅନୁମତି ଦେଇଥିବା ବେଳେ ବୌଦ୍ଧ ଜିଲାରେ ବନ୍ଦ କରାଯିବା ଦଣ୍ଡ ଯାତ୍ରା ସହ ସମ୍ପୃକ୍ତ ଥିବା ଲୋକଙ୍କୁ ନିରାଶ କରିଛି ବୋଲି ମଂଚ ଦାବୀ କରିଛି । ୨୦୦ ଲୋକଙ୍କ ସମାଗମରେ ଓ କୋଭିଡ୍ ପ୍ରୋଟୋକଲ୍ ମଧ୍ୟରେ ଦଣ୍ଡ ଯାତ୍ରାକୁ ଅନୁମତି ପ୍ରଦାନ କରାଯାଉ ଓ ଦଣ୍ଡ ସୁଆଙ୍ଗ ମଝିରେ ମଝିରେ କରୋନା ସଚେତନତା ବାର୍ତ୍ତା ଗାଆଁ ଗାଆଁରେ ପ୍ରଚାର ସୁଯୋଗ ସୃଷ୍ଟି କରାଯାଉ ବୋଲି ଦାବୀ ପତ୍ରରେ ଉଲ୍ଲେଖ କରାଯାଇଛି ।

ଅନ୍ୟ ମାନଙ୍କ ମଧ୍ୟରେ ଆଇନ୍ ପରାମର୍ଶ ଦାତା ପରଦେଶୀ ବେହେରା, ଦଣ୍ଡଯାତ୍ରା ଆୟୋଜକ ତ୍ରିନାଥ ଖମାରୀ (ମାନେଶ୍ୱର), ହୃଦାନନ୍ଦ ଦେହୁରୀ (ଚ଼ଣ୍ଡିଗଡ), ତରଣି ସେନ୍ ବଡମାଳି (ବଲାକିରା), ସୁବାଷ ଖମାରୀ (ଚାରିଶମ୍ଭୁ) ସ୍ୱପ୍ନେଶ୍ୱର ବଡମାଳି (ଭୈରବୀ), ତରଣି ସେନ୍ ବଡମାଳି (ସିଦ୍ଧପୁର), କୁମର ପ୍ରଧାନ, ଚୈତନ୍ୟ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

# ମହାନଦୀ ସେତୁ ପ୍ରକଳ୍ପ : ପ୍ରକଳ୍ପକୁ ନେଇ ଅନିଶ୍ଚିତତା, ଅଘଟଣ ଘଟି ଯାଉଛି ନିରୀହ ଶ୍ରମିକଙ୍କ ଜୀବନ



ବୌଦ୍ଧ, (ନିପ୍ର) : ମହାନଦୀ ସେତୁ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା ।ଏହାର ନିର୍ମାଣ କାର୍ଯ୍ୟ କରିବା ପାଇଁ ଗୁଜୁରାଟର ରଣଜିତ କନ୍ସଷ୍ଟ୍ରକସନ ନାମକ ଏକ ଘରୋଇ ଠିକା ସଂସ୍ଥା ଟେଣ୍ଡର ପାଇଥିଲା ।

ଏହା ୨୦୧୯ ମସିହା ଡିସେମ୍ବର ମାସ ସୁଦ୍ଧା ନିର୍ମାଣ ଶେଷ କରିବା ପାଇଁ କାର୍ଯ୍ୟ ଅବଧି ଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନଥିବାରୁ ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଦେଖା ଦେଇଥିବା ବେଳେ ଅନ୍ୟପଟେ କାର୍ଯ୍ୟରତ ଶ୍ରମିକଙ୍କ ପାଇଁ ଆବଶ୍ୟକ ସେଫ୍ଟି ବ୍ୟବସ୍ଥା ଗ୍ରହଣ କରା ନଯିବା କାରଣରୁ ଲଗାତାର ଭାବେ ଗତ ଜାନୁୟାରୀ ୧୬ ତାରିଖ ମାର୍ଚ୍ଚ ୪ ତାରିଖ ଓ ମାର୍ଚ୍ଚ ୬ ତାରିଖରେ ସେତୁ ଉପରୁ ପଡି ବାହାର ରାଜ୍ୟର ୩ ଜଣ ନିରୀହ ଶ୍ରମିକଙ୍କ ମୃତ୍ୟୁ ଘଟି ଏ ଖବର ଗଣମାଧ୍ୟମରେ ବାରମ୍ବାର ପ୍ରକାଶ ପାଇବା ପରେ ବୁର୍ଲା ଭିସୁଟର ସେଫ୍ଟି କଂସଲଟେଣ୍ଟ ଏଚଓଡି ସିଭିଲ ଇଞ୍ଜିନିୟରିଂ ଡିପାର୍ଟମେଂଟ୍ ଇଂ. ଏସ କେ ପାତ୍ରଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ ନିର୍ମାଣଧିନ ସେତୁ ପ୍ରକଳ୍ପର ସେଫ୍ଟି ବ୍ୟବସ୍ଥାର ତଦାରଖ କରାଯାଇ ସରକାରଙ୍କ ନୀତି ନିୟମ ଓ ଠିକସଂସ୍ଥା କରିଥିବା ସତ୍ୟପାଠ ଅନୁଯାଇ ସୁରକ୍ଷା ବ୍ୟବସ୍ଥା ଅନୁପାଳନ କରାଯାଇଛି ନାଁ ନାହିଁ ଆଗକୁ କାର୍ଯ୍ୟ କରିବା ସମୟରେ ଶ୍ରମିକଙ୍କ ସୁରକ୍ଷା ପାଇଁ ଫଲ ଆରେଷ୍ଟର ଭଳି ନୂତନ ଜ୍ଞାନ କୌଶଳକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦେଶ ଦେଇ ଫେରି ଯାଇଥିଲେ । ହେଲେ ଏହିସବୁ ଦୁର୍ଘଟଣା ପାଇଁ ନିର୍ଦ୍ଧିଷ୍ଟ ଭାବେ କାହାକୁ ଦାୟି କରିନଥିଲେ । ସେହିପରି ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିୟମିତ ଅନୁଧ୍ୟାନ ଓ ସେଫ୍ଟି ସୁରକ୍ଷା ଯାଂଚ ପାଇଁ ସରକାରଙ୍କ ଦ୍ବାରା ନିୟୋଜିତ ହୋଇଥିବା ଥାର୍ଡପାର୍ଟି ଏସଏମ କଂସଲଟାଣ୍ଟ ଏଜେନ୍ସି ମଧ୍ୟ କିପରି ଠିକ ସଂସ୍ଥା ଦ୍ୱାରା ଏହି ସବୁ ଲାଇସେନ୍ସ ଅଛିନା ନାହିଁ ଏହାର ତଦାରଖ କରାଯାଇନଥିଲା ତାକୁନେଇ ବୁଦ୍ଧିଜୀବୀ ମହଲରେ ଭୃକୁଂଚନ ସୃଷ୍ଟି କରିଛି ।

ସମସ୍ତ ଘଟଣାକୁ ଅନୁଧ୍ୟାନ କଲେ ଠିକାସଂସ୍ଥା ପ୍ରତି ଅହେତୁକ ଅନୁକମ୍ପା ଯୋଗୁଁ ବାରମ୍ବାର ଏଭଳି ଅଘଟଣ ଘଟି ନିରୀହ ଶ୍ରମିକଙ୍କ ଜୀବନ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ୩୦ରେ ଗାନ୍ଧିଜୀଙ୍କ ବ୍ରହ୍ମପୁର ଆଗମନର ଶତବାର୍ଷିକୀରେ ଡ଼ାକ ଟିକଟ, ସ୍ୱତନ୍ତ୍ର ଲଫାଫା ପ୍ରକାଶନ

ବ୍ରହ୍ମପୁର, (ନିପ୍ର) : ଜାତିର ପିତା ମହାତ୍ମା ଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଆଗମନ କରିଥିଲେ । ସେହି ଆଗମନର ସ୍ମୃତିକୁ ଶହେ ବର୍ଷ ପୂର୍ତ୍ତି ହେଉଛି । ତାଙ୍କ ଆଗମନର ଶତବାର୍ଷିକୀ ଏବଂ ଓଡ଼ିଶାରେ ମହାତ୍ମା ଗାନ୍ଧୀଙ୍କ ଯାତ୍ରାର ସ୍ମୃତି ପାଳନ ଲାଗି ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମହାତ୍ମା ଗାନ୍ଧୀଙ୍କ ଆଗମନର ଶତବାର୍ଷିକୀ ପୂର୍ତ୍ତିରେ ଡାକ ବିଭାଗ ତରଫରୁ ଡାକ ଟିକଟ ଓ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ର ଥିବା ସ୍ୱତନ୍ତ୍ର ଲଫାଫା ପ୍ରକାଶନ, କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ ପକ୍ଷରୁ ଗାନ୍ଧିଜୀଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ବ୍ରହ୍ମପୁର ସମେତ କଟକ, ଭଦ୍ରକ, ସତ୍ୟବାଦୀ ଓ ପୁରୀ ରେଳ ଷ୍ଟେସନରେ ଗସ୍ତର ନିଦର୍ଶନ ସ୍ୱରୂପ ଫଟୋଚିତ୍ର ପ୍ରଦର୍ଶିତ ହେବ । କେନ୍ଦ୍ର କ୍ଷେତ୍ର ପ୍ରଚାର ସଂସ୍ଥା, ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ଏହାର ସଫଳତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମହାତ୍ମା ଗାନ୍ଧୀଙ୍କ ବ୍ରହ୍ମପୁର ଆଗମନର ଶତବାର୍ଷିକୀ କମିଟିର ସଂଯୋଜକ ରବି ରଥ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଶତବାର୍ଷିକୀ କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ସ୍ୱାଧୀନତା ସଂଗ୍ରାମୀ ସମିତିର ଅଧ୍ୟକ୍ଷ ତଥା କଟକ ସାଂସଦ ଭର୍ତ୍ତୃହରି ମହତାବ, ବ୍ରହ୍ମପୁର ବିଧାୟକ ତଥା କାର୍ଯ୍ୟକାରୀ ସଭାପତି ବିକ୍ରମ କୁମାର ପଣ୍ଡା, ଭାଜପାର ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ସ୍ୱାଧୀନତା ସଂଗ୍ରାମ ସମିତିର ସଂଯୋଜକ ଉପେନ୍ଦ୍ର ପାଢ଼ୀ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ଏନ. ନାରାୟଣ ରେଡ଼ୀ, ହରିହର ସାହୁ, ଅଶୋକ ଚୌଧୁରୀ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଭାଜପା ସଭାପତି ବିଭୂତି ଜେନା, କଂଗ୍ରେସ ନେତା ପୀତବାସ ପଣ୍ଡା, ଆଇନଜୀବୀ ଅଭୟ କୁମାର ପଣ୍ଡା, ଗଞ୍ଜାମ ଚାମ୍ବର ଅଫ କମର୍ସର ସମ୍ପାଦକ ଭି.ସନ୍ତୋଷ କୁମାର, ଶରତ କୁମାର ସାହୁ, ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ଲୋକ ସେବକ ମଣ୍ଡଳ ସଦସ୍ୟ ରାଜେନ୍ଦ୍ର ଜେନା, ସିପିଆଇଏମ ସମ୍ପାଦକ କୈଳାସ ଷଡଙ୍ଗୀ ପ୍ରମୁଖଙ୍କ ସହଯୋଗରେ ବ୍ୟାପକ କାର୍ଯ୍ୟକ୍ରମ ଜାରି ରହିଛି । ଆସନ୍ତା ମାର୍ଚ୍ଚ ୩୦ ତାରିଖ ଅପରାହ୍ନ ସମୟରେ ବ୍ରହ୍ମପୁର ରେଲୱେ ଷ୍ଟେସନରୁ ସର୍ବଦଳୀୟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ବ୍ରହ୍ମପୁର ଷ୍ଟାଡିୟମ ଠାରେ ପହଂଚିବା ଶୋଭାଯାତ୍ରା ଅବସରରେ ଗଞ୍ଜାମ, ଗଜପତି ଜିଲାର ସମସ୍ତ ଲୋକନୃତ୍ୟ, ଆଦିବାସୀ ନୃତ୍ୟ ପରିବେଷଣ ସହ କାର୍ଯ୍ୟକ୍ରମକୁ ଖୁବ ଆକର୍ଷଣୀୟ କରାଯିବ ।

# କରେନା ସଂକ୍ରମଣ ପାଇଁ ରାଜ୍ୟରେ ରଙ୍ଗ ଖେଳ ମନା

ଭୁବନେଶ୍ୱର, (ନିପ୍ର) : ଚଳିତ ବର୍ଷ ୨୯ ତାରିଖରେ ରଙ୍ଗର ପର୍ବ ପାଳନ ହେବାକୁ ଥିବା ବେଳେ ବର୍ତ୍ତମାନ କରେନା ମହାମାରୀ ଦ୍ୱିତୀୟ ଲହର ନେଇ ପୁଣି ତାର କାୟା ବିସ୍ତାର କରିବାକୁ ଲାଗିଲାଣି । ତେବେ ତାକୁ ଆଖି ଆଗରେ ରଖି ରାଜ୍ୟ ସରକାର ରାଜ୍ୟରେ ହୋଲି ଖେଳ ଉପରେ କଟକଣା ଲଗାଇଛନ୍ତି । ଏନେଇ ଏସଆରସି ତରଫରୁ ବିଜ୍ଞପ୍ତି ଜାରି କରି ସୂଚନା ଦିଆଯାଇଛି । ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, କରେନାର ପ୍ରକୋପ ଧୀରେ ଧୀରେ ପୁଣି ବଢିବାକୁ ଲାଗିଲାଣି ।

ତେବେ ହୋଲି ପାଳନ ହେଲେ ବହୁତ ଲୋକ ଏକା ସଙ୍ଗେ ହୋଲି ପାଳନ କରିବାର ଆଶଙ୍କା ରହିଛି । ଯଦ୍ୱାରା ଅଧିକରୁ ଅଧିକ ଲୋକ ସକ୍ରଂମଣ ହେବେ । ସେଥିପାଇଁ ସଂକ୍ରମଣ ଯେମତି ନହେବ, ତାକୁ ଆଖି ଆଗରେ ରଖି ହୋଲିକୁ ଚଳିତ ବର୍ଷ କେବଳ ଘର ଭିତରେ ପାଳନ କରିବାକୁ ରାଜ୍ୟ ସରକାର ଗାଇଡଲାଇନ୍ ପ୍ରସ୍ତୁତ କରିଛନ୍ତି ।





# ଉଦୁର୍‌ମତିଆ ସମିଆଁ

**ନିସାର୍ ଅହମ୍ମଦ ନିସାର**

ପତର୍‌ମାନେ ବୁଢ଼ଉଛେ, ଫେନ୍ କଅଁଲି ପତର ପାଆଁଲି ଯଉଛେ । ବୁଢ଼ା ବରଗଛ ବାଲ୍ କେ ତା'ର କଲର କଲା ମେତାନ୍ ଜୁଆନ୍ ହେବାର ଅବ୍‌ଗା ବଛର୍‌କେ ଘାଏ ଲାଗ୍‌ସି । ଲୁକେ କହେସନ୍ ମସାନ୍‌ପଦା ଇଟା କେଭେ ଥିଲା ପରେ । ଏଛେନ୍ ଗାଁର ଝନେ ଇ'ଟା ସିଆନ ହେଇ ରହିଛେ । ବିହା ବର୍‌ପନ ପୂଜା ଧଜା ସବୁ ଶୁଭ କାମେ ଇନେ ମୁଡ଼ିଆ ମାର୍‌ବାର୍‌ଟା ଗୁଟେ ପରମ୍ପରା ହେଇ ଗଲାନ' । ଯୁଆନ୍ ଭେଁଡ଼ିଆ ମାନେ ଇ ଗଛ ତଲେ ଘଣ୍ଟା ଘଣ୍ଟା ବସ୍‌ବାର ଲାଗି ସଉକ ଧର୍‌ସନ୍ । ନୁଆଁ ଭୁଆସେନ୍ ମାନେ ମୁଡ଼ିଆ ମାରି ଜିଉଁତିଆ ବାନ୍ଧସନ୍ । ଗୁଟେ ବିଶ୍ୱାସ ଯେ, ତାକର ବିହାତି ଜୀବନ୍ ସାର୍‌ଥକ ହେବା ବଲି ।

ଆଏଜ ଇ ବର୍‌ତଲ ଗରଜି ଯଉଛେ ଢ଼ୋଲ୍ ନିସାନ୍ ଆର ତାସା ମୁହୁରିର୍ ଶବଦ୍ ଥି । ବଛର୍‌କିଆ ପରବ ମନଉଛନ ଇ ଗାଁର ଲୁକେ । ସରପଞ୍ଚ ନୁ ନେଇକରି ୱାଡ଼ମେମର ତକ, ବୁଢ଼ା ନୁଁ ନେଇ କରି ଛୁଆ ତକ ସଭେ ଇ'ନେ ଠୋଲ୍ । ଧଙ୍ଗ୍‌ରା ଧାଙ୍ଗ୍‌ରି ମାନେ ଜୁଲି ଜୁଲି ହେଇ ନାଚ୍‌ଗୀତ କରୁଛନ୍ । ଏନ୍‌ତା ଲାଗୁଛେ, ଜେନ୍‌ତା କି ସଁସାରର ସବୁ ଗହକି ଆଏଜ୍ ଇ'ନେ ଠୋଲ୍ ହେଇଛେ । ଭୁଜିଭାତି ବି ଘୋଟ୍ ଘୁମର୍ ଚାଲିଛେ । ଗାଁର ଝାଁକର ଆଏଜ ଇ'ନ ମାଉଲି ଗୁଡ଼ିର ଖଁଡ଼ା ପୂଜା କରିଛେ । ଖଁଡ଼ା ପୂଜା ହେଲେ ଗଜା ମଦ ଉଖୁଡ଼ା ଭୋଗ ଲାଗ୍‌ସି । ମାଏଝି ମାନେ ଉପାସ ରହେସନ୍ ଖଁଡ଼ା ପୂଜା ସରକାର ପତେ ମୁହେଁ ପାଏନ୍ ଥୁପେ ବି ନେଇଁ ଦିଅନ୍ । ପୂଜା ସର୍‌ଲେ ସଭେ ସଉକି ଗହକି ହେଇ ଖଜା ମିଠେ, ଲଡ୍ଡୁ ଉଖ୍‌ରା ଯେ ଯେନ୍‌ତା ଖାଏସନ୍ । ସେନେ ତାକର୍ ହାରିଗୁହାରୀ କର୍‌ସନ୍ ।

ଗାଁର ସନାତନ ବୈଠକିର ପିଲାମାନେ ନିଜର ଏମ୍‌ଏଲ୍‌ଏ ଆଜ୍ଞା କେ ଡାକିଛନ୍ ଇ' ପରବ୍ କେ । ଏମ୍‌ଏଲ୍‌ଏ ଆଜ୍ଞା ଠିକ୍ ସମିଆଁ ନେ ଆସିକରି ହାଜର୍ ବି ହେଇଛନ୍ । ତାକର ଲାଗି ଚାହା ପାଏନ, ଜଲ୍‌ଖିଆ, ଟେବୁଲ୍ ଚଉକି, ମାଇକ୍ ସେଟ୍, ଟେଣ୍ଟ ଗଡ଼ାଗୁଡ଼ି ... ସବୁ ବ୍ୟବସ୍ଥା ହେଇଛେ । ଫୁଲ୍ ମାଲ ସାଁଗେ ସଜେଇ ଦେଇଛନ ଏମ୍‌ଏଲ୍‌ଏ ଆଜ୍ଞା କେ । ତାକର ଭାଷନ ଶୁନ୍‌ବାକେ ଗୁହୁଡ଼ା ଗୁହୁଡ଼ା ଲୋକ ଟାକି ବସିଛନ । ଟିକେ ସମିଆଁ ଗଲା ଉତ୍‌ରୁ ଏମ୍‌ଏଲ୍‌ଏ ଆଜ୍ଞା ନିଜର କୁର୍‌ଚି ନୁଁ ଉଠିକରି ମାଇକ୍‌ଟାକେ ଧରିଛନ ଆରୁ ଲୋକଙ୍କୁଁ ସମ୍ବୋଧିତ କରୁଛନ । - ଇ କରନ୍‌ପାଲିର ଯେତେ ସିଆନ୍ ସୁଜନ୍ ମାନ୍‌କୁ ମୋର ଜୁହାର ଆରୁ ଖାସ୍ କରି ଭେଁଡ଼ିଆ ପିଲାମାନ୍‌କୁ ମୋର ସେନ୍‌ହୋ ଶର୍‌ଧା । ଆପଣମାନେ ଚାହେଁବାର ଆଘୋନୁଁ ଏକା ମୋର ଇ' ଗାଁ କେ ଆସ୍‌ବାର ମନ୍ ଥିଲା । ଆପଣମାନେ ଇ' ଗାଁର ସଂସ୍କୃତି ଆର୍ ପରମ୍ପରାକେ ବଁଚେଇ ରଖ୍‌ବାର ଯେନ୍ ପ୍ରୟାସ୍ କରିଛନ୍, ସେଥିର ଲାଗି ମୁଇଁ ଆପଣମାନ୍‌କୁ ସାଧୁବାଦ ଜନଉଛେଁ । ମୁଇଁ ଜାନିଛେଁ ଇ ଗାଁ ଥି ଅନେକ ସମସ୍ୟା ଅଛେ । ପାନିର ସଁଗେ ଶିକ୍ଷାର ବ୍ୟବସ୍ଥା, ସ୍ୱାସ୍ଥ୍ୟର ବ୍ୟବସ୍ଥା, ରୋଡ଼୍‌ରାସ୍ତା, ବିଜ୍‌ଲି ... କେହେନ୍‌ସିଟା ବି ଠିକ୍ ଭାବେ ନେଇଁ ହେଇ ପାର୍‌ବାର । ଆପଣ୍‌ମାନକର୍ ସହଯୋଗ ରହୁ, ମୁଇଁ ଆପଣମାନକର୍ ଲାଗି ଜାନ୍‌ଜୀବନ୍ ଦେଇ କରି ଚେଷ୍ଟା କରମି । ଧନ୍ୟବାଦ୍ ।

ଏମ୍‌ଏଲ୍‌ଏ ଆଜ୍ଞା ଭାଷଣ ଦେଲା ବେଲ୍‌କେ ଲୋକ୍‌ବାକ୍ ତୁମ୍‌ତାମ୍ ପଡ଼ି ମନ୍‌ଭର୍‌ତେଲ୍ ଶୁନୁଥାଅନ୍ । ସେ କାମ୍ ହଉ କି ନେଇଁ ହଉ, ଏମ୍‌ଏଲ୍‌ଏ ଆଜ୍ଞାର ପ୍ରତିଶ୍ରୁତି ଥି ମନ୍ କେ ଭୁର୍‌ତେଇ ନଉଥାଅନ୍ ବଲ୍‌ଲୁଟି । ଭାଷଣ ସର୍‌ଲା ଉତରୁ ଏମ୍‌ଏଲ୍‌ଏ ଆଜ୍ଞା ପଲାଲେ ହରୋବଟୋ ହେଇକରି ।

ନାଚ୍ ତାମ୍‌ସା ସରି ଯାଇଛେ । ଯେ ଯେନ୍‌ତା ନିଜର ନିଜର ଘର ଆଡ଼େ ଫିରୁଥାଅନ୍ । ପାଁଚପାଲିର ଲୋକ ଆଏଜ୍ ଇ' ଢ଼ଡ଼ୋ ବରଗଛ ତଲେ । ଖଜା ମିଠେଇ ଘିନି ଲୋକ ଯେ ଯା'ର ଘର୍‌କେ ଫିରୁଥାଅନ୍ । ଇ' ଗହକି ସଉକି ଥୁ ଅଲଗ ଦିବା ବୁଢ଼ା ତା'ର ନିଜର କୁରିଆ ଆଘେ ଗୁଟେ ଗନ୍ଧୁଆ ଖଟେ ବସି ଥାଏ ତୁମ୍‌ପଡ଼ି । ତା'ର ମନ୍‌କେ ଜୁଟେଇ ନେଇଁ ପାରିଥାଇ ଏଡ଼େ ବଡ଼ ତିହାର୍ ଉଛବ୍ ଥି ନିଜ୍‌କେ ସାମିଲ୍ କର୍‌ବାର ଲାଗି । ଜୁଆନ୍ ଝି' ଟେ ତା'ର ବେମାର୍ ପଡ଼ି ମରି ଯାଇଥିସି ଦିନା କେତେ ଆଘୋନୁଁ । ଟୁକେଲର ମାଁ ଭାଲି ଭାଲି ଖାଏବାର୍ ପି'ବାର ଛାଡ଼ି ଦେଇଛେ ମେତାନ୍‌ଟା । ଯେତେବେଲେ ଦେଖିବ ଭୁତ ମେତାନ୍ ବସିଛେ ଆର୍ ତା'ର ଝି' କଜ୍‌ଲି କେ ସୋର୍ କରି କରି ଅଛ୍‌ରେ ଅଛ୍‌ରେ କାନ୍ଦୁଛେ । ଗୁଟେ ପୁଓ ଆର ଗୁଟେ ଝି' କେ ନେଇକରି ଦିବାବୁଢ଼ାର ସଁସାର । ଦୁଖ୍‌ଭୁତି କରି ପେଟ ପୁଷୁଥିଲା । ଗାଁର ଇସ୍‌କୁଲ୍ ନେ ଦୁହି ଛୁଆ ଦୁଇ ଅଖର ପଢ଼ିଥିଲେ । କଜ୍‌ଲିର ଗୋଲ୍‌ମୋଲ୍ ଚେହେରା ଜୁଆନ୍ ହେବାର୍‌କେ ଆର୍ ଆର୍ ସୁନ୍ଦର ଦିଶୁଥାଏ । କଜ୍‌ଲିର ଲମ୍‌ହାବେନିକେ ବଢ଼ା ସଉକ୍ । ତା'ର ମାଁ ରୋଜ୍ ତାକେ ଲମ୍‌ହା ବେନି ପକେଇ ଦିଏ । କଜ୍‌ଲି ବଲେ - ବା' ଗୋ, ଆମେ ଗରିବ କାଏଁ ଯେ ହେଲାଁ ଗୋ ? ଦେଖ୍ ତ, ପର୍‌ହର ଘରେ କାମ୍ କରି କରି ଆମର ଦିନ୍ ସରି ଯଉଛେ ଯେ ?

କଜ୍‌ଲି ବଡ଼ ଆଏ ସୁମନ୍ତର ଠାନୁଁ । ସେ ଗୁର୍‌ଦୁ ଭଲ୍‌ପାଏ ସୁମନ୍ତ କେ । ସୁମନ୍ତ ବେଶୀ ନେଇ ଦୁଇ ବଛର ତାର୍‌ଠାନୁ ସାନ୍ । ଦୁହି ଭାଏ ବୁହେନ୍ ସାଁଗ ମେତାନ୍ ରହୁଥିଲେ । ସୁମନ୍ତ କେତେବେଲେ କେନ୍‌ତା ବଲେ - ଏ ନାନି, ତୁଇ ବିହା ହେଲେ ଆମର୍ ଗାଁ ଶୁଇନ୍ ହେଇଯିବା ଗା' । ସଭେ ତତେ ନୁର୍‌ବେ ।' କଜ୍‌ଲି ହଁସି ଦିଏ ଆରୁ କହେ - 'ଧାଏତ୍ ବେଢ଼ା, ମୁଇଁ ତମ୍‌କୁ ମାନ୍‌କୁ ଛାଡ଼ି କରି ବିହା ନେଇଁ ହୁଏଁ ।'

ସୁମନ୍ତ ଦୁଇ ବଛର ହେଲା ପିଲାକର ସାଁଗେ ଭୁଦେଇ ଯାଇଛେ କାମ୍ କରି । ମଝି ଥି ଘାଏ ଆଇଥିଲା । ସମ୍‌କର ଲାଗି କପ୍‌ଡ଼ାଲତା ଆନିକରି ଦିନା କେତେ ଉସତ୍ ଆନନ୍ଦ ହେଇ ରହେଲା ଉତ୍‌ରୁ ଫେର୍ ଗଲା । କରନ୍‌ପାଲି ଲାଗି କରି କୁଦୋପାଲି । କୁଦୋପାଲି ନ' ସବୁ ମିଲ୍‌ସି । ହପ୍ତାକିଆ ହାଟ ବି କୁଦୋପାଲି ନ ବସ୍‌ସି । ଅସ୍‌ପତାଲ୍, ଥାନା, ବେଁକଘର, ହାଇସ୍କୁଲ ସବୁ କୁଦୋପାଲି ଠାନେ ଅଛେ । କରନ୍‌ପାଲି ନୁ କୁଦୋପାଲି ଯିବାକେ ଦୁଇ କୋଷ ବାଟ୍ । ଦିବାବୁଢ଼ା ଆଏଜ୍ ଏକ୍‌ଲା ଭେକ୍‌ଲା ମେତାନ୍ ହଉଛେ । ଯାହା ବି ହଉ ଦୁଖେ କଷ୍ଟେ ତାକର ଦିନ୍‌ଟା ଏକରକମ୍ କଟୁଥିଲା । ହେଲେ ଆଏଜ୍ ଦିବାବୁଢ଼ାର ସଁସାରଟା ବଦଲି ଯାଇଛେ । ସେ ସୁଖ ଆର ତାର ଘରେ ନାଇଁନ' । ତାର୍ ମନ ପୁଡ଼ିଜଲି ଯଉଛେ । ଆଏଜ୍ ସୁମନ୍ତକେ ଦିବାବୁଢ଼ା ବହୁତ ମନେ ପକଉଛେ । ଅଭାବେ ମୁନୁଷ କାଁଣା କରି ପକାସି । ଘର ଟିକେ ସଲ୍‌ଖିବା ବଲି ପିଲାକେ ତାର୍ ଠାନୁ ହଜାର୍ ହଜାର୍ କିଲୋମିଟିର୍ ଧୁର୍‌କେ ପଠେଇ ଦେଇଛେ । ଆଜିର୍ ଏନ୍‌ତା ସମିଆଁ ଥି ବି ପୁଓ ତାର୍ ପାଖେ ନେଇଁନ' । ଦିବାବୁଢ଼ା ଧିକ୍ କରୁଥାଏ ତାର୍ ଜୀବନ୍ କେ ।

ଦିନା କେତେ ଗଲା ଉତାରୁ ତାର ବୁହେନର୍ ମଲା ଖବର ଶୁନିକରି ସୁମନ୍ତ ଘର୍‌କେ ଆଇଥାଏ । ଦିବାବୁଢ଼ାର ଛାତିନେ ମୁଡ଼ ରଖିକରି ଢ଼େଣା ମୁଡ଼ା ହେଇ ଘଡ଼େ ବେଲ୍ ତକ୍ କାନ୍ଦ୍‌ଲା । ସୁମନ୍ତ ତା'ର ବୁଆକେ କହେଲା - ବା' ଗୋ, ବଡ଼ ଲୋକ ହେବାର ଆମର ଭାଗ୍ୟେ ସିନା ନେଇଁନ', ହେଲେ ବଡ଼୍ ବେମାର ଟା ଆମର ଭାଗ୍ୟେ ଥିଲା । ମାଁ ତାର୍ ହେକେଇ ହେକେଇ କାନ୍ଦୁଥାଏ । ସୁମନ୍ତ କହୁଥାଏ ନାନି ମୋର ସାଙ୍ଗ ଲେଖେଁ ଥିଲା । ତାର୍ ବେମାରର କଥା ଥରେ ବି ମୋର ଆଘେ କେଭେ ନେଇଁ ଉଘେଇ । ଆମେ କିଛି ନେଇଁ କରିପାରୁଁ ବଲି ନାନି ତାର ବେମାର୍ କେ ଲୁକେଇ ଦେଲା ।- ମାଁ ଗୋ', ନାନି ମୋର କଲ୍‌ଜା ହଁଡ଼ା ହେଇଥିଲା ଗୋ' । ତିନ୍‌ହେଁ କଜ୍‌ଲିକେ ଭାବି ଭାବି କନ୍ଦାବୁବା ହେଲେ । ଦିନା କେତେ ଉତ୍‌ରୁ ସୁମନ୍ତ ଫେର୍ ଭୁଦେଇ ପଲାଲା । କଜ୍‌ଲିର ମାଁ ବାର୍ ବାର୍ କହୁଥାଏ - ହଏଗୋ' ସୁମନ୍ତର ବା', ତୁମେ ସୁମନ୍ତ କେ ମାନକର । ସେ କାହିଁ ଯାଏ, ମୋର ପାଖେ ପାଖେ ଏକା ରହେବା । ଇ'ନେ ଜାଁଣା ହଉ ଗୁଟେ ଧଁନ୍ଦା କର୍‌ବାନ' ।ଆମର୍ ଆରୁ କିଏ ଅଛେ କହତ' । ଯେତେ ନେଇଁହେଲେ ବି ମାଁର ମନ । ଦିବାବୁଢ଼ା କାଁଣା କହେବା ଭାବି ନେଇଁ ପାରୁଥେଇ । ତା'ର ତ' ଦିହଁର ବଫୁ ଉତ୍‌ରି ଗଲାନ' । ଘରେ ପିଲା ବସି ହେଲେ ଘର୍‌ଟେ ଚଲ୍‌ବା ହେଲେ କେନ୍‌ତା । ବଡ଼ା କଷ୍ଟେ ସୁମନ୍ତର ମାଁକେ ବୁଢ଼ା ମନାଲା । - ଦେଖ୍, ପୁଓ ଆମର ସବୁଦିନର ଲାଗି ନେଇଁ ପଲାବାର । ବର୍ଷେ ଅଧେ କାମ କଲା ଉତ୍‌ରୁ ଫିରି ଆଏବା । ବଏନା ଦେଇଛେ ସାଁକାର । ତା'ର ମିଆଦ୍ ସରିଗଲେ ପଏସା ପତର ଧରିକରି ପଲେଇ ଆଏବା ।

ସୁମନ୍ତ ଯିବାର ବଛରେ ଦେଖ୍‌ତେ ଦେଖ୍‌ତେ ପଲେଇ ଗଲା । ପଏସା ପତର ଯେନ୍‌ଟା ହେଲେ ଥରେ ଦୁଇଥର ଘର୍‌କେ ପଠେଇ ଦେଲା । ଦୁହି ମାଁବୁଆ ସୁମନ୍ତର ବାଟ ଦେଖୁଥ'ନ ଅଁଠିପହର । ଦିନେ ସକାଲୁ ସକାଲୁ ଭୋଲାବାବୁ ଗାଁର ସରପଁଚ ଦିବାବୁଢ଼ା ଘରେ ପହଁଚିଲେ । ଦିବାବୁଢ଼ା କାବା ହେଇକରି ଭୋଲାବାବୁକେ ଜୁହାର୍‌ଟେ କରି ଖଟେ ବସାଲା । ଭୋଲାବାବୁ ଦିବାବୁଢ଼ା କେ ଧିରଜ୍ ଦେଲେ । ହେଲେ ବୁଢ଼ାର ମନ୍ ନାଇଁ ମାନୁଥାଇଁ । ବଫୁ ଖଟେଇ କରି ପଚ୍‌ରାଲା - କେଡ଼େ କବାରେ ଆସ୍‌ଲେ ହଜୁର ? ଭୋଲାବାବୁ ଭାବି ନେଇଁ ପାରୁଥାଇଁ କେନ୍‌ତା କରି କହେବେ । ଖବରକାଗଜ ଟେ ବଢ଼େଇଦେଲେ ବୁଢ଼ାର୍ ହାତ୍‌କେ । ବୁଢ଼ା ବଏଲା- କାଁ ହେଲା ହଜୁର୍, ମୁଇଁ କେନେ ଖବର୍ କାଗଜ୍ ପଢ଼ି ଜାନ୍‌ସିଁ ଯେ ଦଉଛନ ।

ସରପଁଚ ଆଁଖିର ପାଏନ୍ ତରା ତରା କରି କହେଲେ - ଭୁଦେଇ ନେ ସିରିଏଲ୍ ବମ୍‌ବ୍ଲାଷ୍ଟ ଥି ସୁମନ୍ତ ବି ଚାଲିଗଲା । ସରକାର ତମ୍‌କୁ ଲାଖେ ଟଁକା ଦେବାକେ ଘୋଷନା କରିଛନ ।

ଦିବାବୁଢ଼ା ମୁଡ଼୍ କେଚ୍‌ଡ଼େଇ କେଚ୍‌ଡ଼େଇ କରି ଭୋ ଭୋ କାନ୍ଦୁଥାଏ ।

ସୁର ସଂଗମ ସାଂସ୍କୃତିକ ସଂସଦ,
ଲୋଇସିଂହା
ମୋବାଇଲ୍ : ୯୯୩୭୪୮୩୦୫୦

**ମୂଳ ଜର୍ମାନୀ :**
ରେନର୍ ମେରିଆ ରିଲ୍‌କେ
**ଅନୁବାଦ :**
ଜୟଦେବ ଦଣ୍ଡସେନା

## ତୁଇ ମାହାପୁରୁ


ତୁଇ ମାହାପୁରୁ
କେନ୍ତା କର୍‌ବୁ ମୁଇଁ ମରିଗଲେ ?

ମୁଇଁ ତ' ତୋର୍ ମଠିଆ ଆଏଁ
ଭାଙ୍ଗିରୁଚି କରି
କୁର୍‌କୁଟି ହେଲେ କେନ୍ତା ହେବା ?

ମୁଇଁ ତ' ତୋର୍ ପାଏନ୍ ଆଏଁ;
ମାଏଟ୍ କାଦୋ ହେଇ
ଅସ୍‌କଟ୍ ହେଲେ କେନ୍ତା ହେବା ?
ମୁଇଁ ତୋର୍ ପିନ୍ଧନାପଟା,
ତୋର୍ ବୁଢ଼ା;
ମୋର୍ ସଙ୍ଗେ ସତେ
ସରିଯିବା ତୋର୍ ମତ୍‌ଲବ୍‌ଟା ।


ମୋର୍ ଉତାରୁ ତୋର୍ ଆଉର୍ ଇ'ନେ ଘର୍
ନାଇଁନ'
ଦୁଖର୍ ସୁଖର୍ ଉଷୁମ୍ କଥା ଦୁଇପଦ୍ ତତେ
ମିଲ୍‌ବା ଯେ'ନ ।
ମୁଇଁ ଆଏଁ ତୋର୍ ପଦମ୍ ପାଦ୍‌କା
ଅଥାବିଥା ତୋର୍ ପାଦ୍‌ତଲୁ ସତେ ହିଟ୍‌ବା
ହେଟା ।

ହାତ୍‌ଛଡ଼ା ତୋର୍
ହେଇଯିବା ଇ'
କେଢ଼େ ନେଇଁ କେଢ଼େ ଉଢ଼୍‌ନା ଟା,
ମୋର୍ ଗାଲ୍ ଯେନ୍
ଧରି ରଖୁଥିଲା ମୁଚ୍‌ଲା ବାଗିର୍
ଆରାମ୍ ଥି ତୋର୍ ଦୃଷ୍ଟିଟା
ହେ'ଟା ଆସିକରି ଖୁଜିଯିବା
ମତେ ଘଡ଼େ ଯାକର୍,
ଆଉର୍ ତାହେଁରୁ ବେଲ୍ ବୁଡ଼ିଗଲେ
ଢ଼ଲ୍‌ଙ୍ଗି ପଡ଼୍‌ବା
ଅଜନା ଅଚିହ୍ନା ପଥର୍ କୁଲେ ।
ତୁଇ ମାହାପୁରୁ କେନ୍‌ତା କର୍‌ବୁ ?
ମୋର୍ ଡର୍ ।



# ଭୋକର ଭୂଗୋଳ

**ମନୋଜ ପୂଜାରୀ**



ଲୋକ ସତ୍ୟ, ଜଗତ ମିଥ୍ୟା ହେଇ ସାରିଥିଲା ସେ ଅଂଚଳର ଅଗଣିତ ଭୋକିଲା ମଣିଷଙ୍କ ପାଇଁ । ଜୀବନ କହିଲେ ସେମାନେ ବୁଝୁଥିଲେ ଭୋକ ସହ ଚବିଶ ଘଣ୍ଟା ଲଢ଼େଇ । ଦେହର ଛାଇ ପରି ତାଙ୍କୁ ଗୋଡ଼ଉଥିବା ଭୋକ କେବେ ଦୁର୍ଦ୍ଦାନ୍ତ ଭାଲୁଟିଏ ପରି ଆକ୍ରମଣ କରୁଥିଲା । ରାଂପୁଡ଼ି ବିଦାରି ପକଉଥିଲା ତ ଆଉ କେବେ ଦୁରାରୋଗ୍ୟ ବ୍ୟାଧି ପରି କଲବଲ କରୁଥିଲା । ଭୋକ ରାକ୍ଷସ ସତେ ଯେମିତି ଅମର ବର ପାଇଥିଲା ଓ ସେ ମୂଳକରୁ ବିଲ୍‌କୁଲ୍ ନ ହଟିବା ଲାଗି ପ୍ରତିଜ୍ଞା କରିଥିଲା । ନୋହିଲେ କେନ୍ଦ୍ର ସର୍କାର, ରାଜ୍ୟ ସର୍କାରଠୁଁ ଆରମ୍ଭ କରି କେତେ କେତେ ସ୍ୱେଚ୍ଛାସେବୀ ସଂଗଠନ ବର୍ଷ ବର୍ଷ ଧରି ଚଳେଇଥିବା 'ଭୋକ ହଟାଓ' ଅଭିଯାନରେ ସିଏ ତ ନିଶ୍ଚିହ୍ନ ହୋଇ ସାରିଥାନ୍ତା । ସେଇ ଭୋକାକ୍ରାନ୍ତ ଭୂଇଁର ବୁଭୁକ୍ଷୁ ମା'ଟିଏ ପେଟ ଚାଖଣ୍ଡକ ପାଇଁ ପେଟରୁ ଜନ୍ମ କଲା ଛୁଆ ବିକ୍ରି କରିଦେବା, କ୍ଷୁଧାର୍ତ୍ତ ଲୋକେ ବିଷାକ୍ତ କନ୍ଦା କିମ୍ବା ଅନ୍ୟାନ୍ୟ ଅଖାଦ୍ୟ ଖାଇ ଅକାଳ ମୃତ୍ୟୁର ଶିକାର ହେବା ପରି ହୃଦୟ ବିଦାରକ ଘଟଣା ଦେଶ ବିଦେଶର ଗଣମାଧ୍ୟମ ଗୁଡ଼ିକ ପାଇଁ ଜୋର୍‌ଦାର୍ ଖବର ପାଲଟି ଯାଉଥିଲା । ଏଥିପାଇଁ ବିଧାନସଭା, ରାଜ୍ୟସଭା, ଲୋକସଭା ତଥା ଅନ୍ୟାନ୍ୟ ସଭାମାନଙ୍କରେ ମଧ୍ୟ ପ୍ରବଳ ପାଟିତୁଣ୍ଡ ହଉଥିଲା ମାତ୍ର ଭୋକ ତାର ବିକୃତ ଚେହେରା ନୂଆ ନୂଆ ଭଂଗୀରେ ଦେଖଉଥିଲା । ଭୋକିଲା ମଣିଷମାନେ ନିରୁପାୟ ହୋଇ ଭାଗ୍ୟ ଓ ଭଗବାନଙ୍କୁ ଦୋଷାରୋପ କରି କପାଳରେ ହାତ ଦେଇ ରହିଥିଲେ ।

*ଧରାପୃଷ୍ଠରେ ଗ୍ରୀଷ୍ମର ପ୍ରଥମ ପାଦ ପଡ଼ିବା ମାତ୍ରେ ଶୁଖିଗଲା ସେ ଅଂଚଳର କୂଅ, ପୋଖରୀ, ନଈ, ନାଳ । ବଢ଼ି ଚାଲିଲା ପାଣି ପାଇଁ ଲୋକଙ୍କ ଡହଳ ବିକଳ । ଲଣ୍ଡା ପାହାଡ଼ ସବୁ ସର୍ବହରା ପାଲଟି ଦିଶୁଥିଲେ ଦୟନୀୟ । ତାତି ଉଠୁଥିଲା ଫଟାମାଟି, ପ୍ରାଣ ପ୍ରଦାୟୀ ପାଣି, ବିଦେହ ପବନ ଓ ଉଲଗ୍ନ ଆକାଶ ।*

ଧରାପୃଷ୍ଠରେ ଗ୍ରୀଷ୍ମର ପ୍ରଥମ ପାଦ ପଡ଼ିବା ମାତ୍ରେ ଶୁଖିଗଲା ସେ ଅଂଚଳର କୂଅ, ପୋଖରୀ, ନଈ, ନାଳ । ବଢ଼ି ଚାଲିଲା ପାଣି ପାଇଁ ଲୋକଙ୍କ ଡହଳ ବିକଳ । ଲଣ୍ଡା ପାହାଡ଼ ସବୁ ସର୍ବହରା ପାଲଟି ଦିଶୁଥିଲେ ଦୟନୀୟ । ତାତି ଉଠୁଥିଲା ଫଟାମାଟି, ପ୍ରାଣ ପ୍ରଦାୟୀ ପାଣି, ବିଦେହ ପବନ ଓ ଉଲଗ୍ନ ଆକାଶ ।

ଟାଙ୍ଗରପାଲିରେ ଜଣେ ବିଧବା ବୁଢ଼ୀ ଓ ଅସହାୟ ବୁଢ଼ା ଅନାହାରରେ ମରି ସାରିଥିଲେ । ଅନେକ କଙ୍କାଳସାର ମଣିଷ ନିଜ ନିଜ ପ୍ରାଣକୁ ସମର୍ପି ସାରିଥିଲେ ସମୟ ହାତରେ । ଭୋକ ବାଘର ପିଠିରେ ସବାର ହେଇ ଗାଁ ଦାଣ୍ଡରେ ବୁଲୁଥିଲା ଦୁର୍ଦ୍ଦର୍ଷ ମୃତ୍ୟୁ ।

ବୁଧୁ ବରଗର୍ତ୍ତି ସାମ୍ନାରେ ଅନ୍ୟ ବିକଳ୍ପ ନଥିଲା । ନିଜେ ସବୁଦିନ ବେମାରିଆ । ବୁଢ଼ା ବାପା ଓ ବୁଢ଼ୀ ମା'କୁ ମରଣ ମୁହଁକୁ ଠେଲି ତ ଦେଇ ହେବନି । ଏକମାତ୍ର ଭରସା ସାନ ଭାଇ ଚେରୁ । ଚେରୁ ଜୁଆନ୍ । ମେହେନତି । ବଡ଼ଭାଇକୁ ତାର ଭାରି ଭକ୍ତି । ଠିକାଦାରର କଥାରେ ବୁଧୁ ବାଧ୍ୟ ହେଇ ହଁ ଭରିଲା । ଉପାୟ ବି ଆଉ କିଛି ନଥିଲା । ଚେରୁକୁ ଠିକାଦର ନେବ ଆନ୍ଧ୍ର । ସେଇଠି ଇଟା ଗଢ଼ିବ ସିଏ । ପଇସା କମେଇବ । ଫି ମାସ ଘରକୁ ପଠେଇବ । ବୁଧୁକୁ ଆଗୁଆ ତିନିଶହ ଦେଇ ଦେଲା ଠିକାଦାର ।

ସଂଧ୍ୟାବେଳେ କଂଟାବାଂଜି ଷ୍ଟେସନ୍‌ରୁ ଟ୍ରେନ୍ ବାହାରିବ । ସେଥିରେ ଯିବାକୁ ପଡ଼ିବ ଚେରୁକୁ । ଦୁଇ ଦିନ ଆଗରୁ ଠିକାଦାର ଖବର ପଠେଇଥିଲା । ଟ୍ରକ୍‌ରେ ସିଏ ଚେରୁ ପରି ଆହୁରି ଅନେକ ଚେରୁଙ୍କୁ ନେଇ ଷ୍ଟେସନ୍‌ରେ ପହଂଚେଇବ । ଗାଡ଼ିରେ ବସେଇଦେଇ ଯିବାର ସବୁ ବ୍ୟବସ୍ଥା କରିଦେବ । ଚେରୁକୁ ବିଦାୟ ଦେବା ପାଇଁ ସେଇ ଟ୍ରକ୍‌ରେ ଷ୍ଟେସନ୍ ଯାଏଁ ଯିବ ବୁଧୁ । ସେମାନଙ୍କ ଯିବା କଥା ଜାଣିବା ବେଳୁ ବୁଧୁର ଆଠବର୍ଷର ପୁଅ ତହସିଲ୍‌ଦାର ଜିଦ୍ ଧରି ବସିଛି ସିଏ ବି ସାଂଗରେ ଯିବ । ଗାଡ଼ି ବସିବ ।

କଣ୍ଟାବାଂଜି ଷ୍ଟେସନ୍‌ରେ ସେମାନେ ପହଂଚିଲା ବେଳକୁ ଟ୍ରେନ୍ ଲାଗି ସାରିଥାଏ । ପ୍ଲାଟ୍‌ଫର୍ମରେ ଲାଗି ରହିଥାଏ ଭିଡ଼, ବ୍ୟସ୍ତତା, ଧାଁ ଦଉଡ଼ । ବୁଧୁ ଦେଖିଲା ଆଖପାଖ ଗାଁର ଶହ ଶହ ଲୋକ ଯାଉଥାନ୍ତି ଆନ୍ଧ୍ରା । ଏତେ ଲୋକଗହଳି, ହୋ ହଲ୍ଲା ଦେଖି କିଛିଟା ଡରିଗଲା ତହସିଲ୍‌ଦାର୍ । ତାକୁ ଗୋଟିଏ ନିର୍ଦ୍ଦିଷ୍ଟ ଜାଗାକୁ ଟାଣି ନେଇ ସେଇଠି ଠିଆ ହେଇଥିବାକୁ ତାଗିଦ୍ କରି ବୁଧୁ ଗଲା ତା' ଭାଇ ବସିଥିବା ଡବାଆଡ଼େ ।

ତହସିଲ୍‌ଦାର୍ ସୁନା ପିଲାଟେ ପରି ସେଇ ଜାଗାରେ ଠିଆ ହୋଇଥାଏ । 'ଆବିଷ୍କାର କର' ଆଖିରେ ସିଏ ଚାହୁଁଥାଏ ଚାରିଆଡ଼େ । ହଠାତ୍ ତା' ନଜର ପଡ଼ିଲା ତା' ବାଁ ପଟେଥିବା ଦୋକାନରେ ଚାଲୁଥିବା ଟେଲିଭିଜନ୍ ଉପରେ । କୋଉ ଗୋଟେ ପୌରାଣିକ ଧାରାବାହିକ ଚାଲିଥାଏ ଟି.ଭି.ରେ । ରଂଗୀନ ଟି.ଭି. ପର୍ଦ୍ଦାରେ ସ୍ୱର୍ଣ ମୁକୁଟ ପରିହିତ ପ୍ରଭୁ ଉଦ୍‌ଭାସିତ । ହସ ହସ ବଦନ । ଭକ୍ତର ତପସ୍ୟାରେ ସନ୍ତୁଷ୍ଟ ସିଏ । ପ୍ରସନ୍ନ ହୋଇ କହୁଛନ୍ତି ବର ମାଗିବାକୁ । କୃତ୍ୟ କୃତ୍ୟ ହେଇ ଭକ୍ତ ବର ମାଗୁଛି । 'ତଥାସ୍ତୁ' କହି ମହାଶୂନ୍ୟରେ ଉଭେଇ ଯାଉଛନ୍ତି ଦୟାମୟ ପ୍ରଭୁ ।

ମନ୍ତ୍ରମୁଗ୍ଧ ହେଇ ଟି.ଭି. ଦେଖାରେ ହଜି ଯାଇଥିବା ତହସିଲ୍‌ଦାରକୁ ହଲେଇ ଦେଇ ସଚେତନ କଲା ବୁଧୁ । ଟ୍ରେନ୍ ଚାଲିଯାଇଥିଲା । ପ୍ଲାଟ୍‌ଫର୍ମରୁ ଭିଡ଼ କମି ବସୁଥିଲା । ଚେରୁକୁ ବିଦାୟ ଦେଇ ଭିତରେ ଏକ ଶୂନ୍ୟତା ଅନୁଭବ କରୁଥାଏ ବୁଧୁ । ଠିକାଦାରର ଟ୍ରକ୍‌ରେ ସେମାନେ ଫେରିଲେ । ସେମାନଙ୍କ ଗାଁ ପାଖରେ ଛାଡ଼ିଦେଇ ଚାଲିଗଲା ଟ୍ରକ୍ । ଘରକୁ ଫେରି ପଖାଳ ଗଣ୍ଡାଏ ଲେଖାଏଁ ଖାଇ ଶୋଇଗଲେ ବାପ ପୁଅ ।

ଚରମ ବିସ୍ମୟ ଓ ପରମ ଆନନ୍ଦରେ ତହସିଲ୍‌ଦାର୍‌ର ମୁହଁରେ ଭାଷା ଫୁଟୁ ନଥାଏ । ତା' ଆଗରେ ଉଭା ସ୍ୱୟଂ ଭଗବାନ । ମୁହଁରେ ମିଠା ମିଠା ହସ । ଦିବ୍ୟସୁନ୍ଦର ଚେହେରା । ମଥାରେ ଝଲସୁଛି ସୁନାମୁକୁଟ । ଅବିକଳ ଟି.ଭି.ର ଭଗବାନ ପରି । ତାକୁ ସେ ଚାହିଁଥିଲେ ଖୁବ୍ ସ୍ନେହଭରା ନଜରରେ । ହସି ହସି କହିଲେ – 'ମାଗ ଯାହା ତୋର ଇଛା ହଉଛି ମାଗ ।' ସାଂଗେ ସାଂଗେ କିଛି ବି ଭାବି ପାରିଲାନି ତହସିଲ୍‌ଦାର । ତାର କୁନି ମଗଜକୁ କୌଣସି ବି ବଡ଼ କଥା ପଶୁ ନଥାଏ । ପ୍ରଭୁ ଛିଡ଼ା ହୋଇଥିଲେ ମହାଶୂନ୍ୟରେ । ତାଙ୍କ ପଛରେ ନୀଳ ଆକାଶ । ଆକାଶରେ ଅସଂଖ୍ୟ ଟିକିଟିକି ତାରା । ତାରାମାନଙ୍କୁ ଚାହିଁ ଥିବା ବେଳେ ହଠାତ୍ ତାର ମନେ ପଡ଼ିଗଲା ମୁଡ଼ି କଥା । ମୁଡ଼ି କଥା ଭାବିବାରୁ ତାକୁ ଭୋକ ଲାଗିଗଲା । ସେଇଠୁ ସେ ପ୍ରଭୁଙ୍କୁ କହିଲା – ''ଭଗବାନ ଆକାଶର ସବୁତକ ତାରାଙ୍କୁ ମୁଡ଼ି କରିଦିଅ ଯେ ଆମେ ବସି ଖାଉଥିବୁ । ଯେତେ ଖାଇଲେ ବି ସରୁ ନଥିବ ।' ହସି ହସି ସୁନାମୁକୁଟ ପିନ୍ଧା ଭଗବାନ କହିଲେ 'ତଥାସ୍ତୁ' । ତା'ପରେ ଭୁସ୍ କିନା ଉଭେଇ ଗଲେ ତାରାଙ୍କ ଗହଣରେ । ନୀଳ ଆକାଶରେ । ଖୁସିରେ ଉଛୁଳି ଉଠୁଥିଲା ତହସିଲ୍‌ଦାର୍ । ଠିକ୍ ସେତିକିବେଳେ ତାକୁ କିଏ ଜୋର୍‌ରେ ହଲେଇଦେଲା । ତା'ର ନିଦ ଭାଂଗିଗଲା । ତାର ମା' ତାକୁ ଉଠଉଥିଲା । ସେତେବେଳେ ସ୍ୱପ୍ନ ଓ ବାସ୍ତବତାର ମଝାମଝି ଏକ ଅସ୍ୱଷ୍ଟ ସୀମାନ୍ତରେ ସେ ଛିଡ଼ା ହୋଇ ଭାବୁଥିଲା ସିଏ କେତେ ବଡ଼ ଭୁଲ୍‌ଟେ କରି ନ ପକେଇଲା ।

ଦୟାଳୁ ଭଗବାନଙ୍କୁ ତ ସେ ତାରାମାନଙ୍କୁ ମୁଡ଼ି ବଦଳରେ ଭାତ କରିଦିଅ ବୋଲି କହି ପାରିଥାନ୍ତା । ଧେତ୍ । ଗଲା ସବୁ ଗଡ଼ବଡ଼ ହେଇଗଲା । ଭାତରେ ସିନା ପେଟ ପୁରେ ମୁଡ଼ିରେ କ'ଣ ହେବ ? ଦି' ହାତରେ ସିଏ ଆଖି ଘଷି ଘଷି ଉଠୁଥିଲା । ଦୂରରୁ କୋଉଠୁ ଗୋଟେ ଗଂଜାଟେ ଡାକୁଥିଲା ...'କଁକ୍‌ରେ..କକ୍ ।'



# ତୁମେ ଯିବା ପରେ

**ନିହାର ରଂଜନ ଦାଶ**

ଖାସ୍ କଥା ଉପରେ
ନୀଳ ଫର ଫର
କେତେ କଥାର ପର
ତା' ଆଗକୁ ଧୂଆଁଳିଆ
ଏ ଦି'ପହର !

ବଙ୍କୁଳି ଆଶାବାଡ଼ିର ଉପର ବଙ୍କୁଳି
ବାଡ଼ି ପରି ସିଧା ନୁହେଁ ।
ଶରୀର ଢ଼ଳି ରହେ
ଆରାମ ଚଉକିରେ
ମନ ଧାଉଁଥାଏ,
ଏପଟେ ସେପଟେ ।

ତମେ ଗଲ, ଏଇ ତାରିଖରେ
ଗଲା ସନ ।
ଏଇ ସନ ଚାଉଳଗୁଳା,
ଭାତ ହୋଇ
ପିଣ୍ଡ ହୋଇ
କଡ଼ ଲେଉଟାଏ,
ତୁମ ସ୍ମୃତି ହୋଇ
କୁନାର ତରବରିଆ
ଶ୍ରାଦ୍ଧ ଆୟୋଜନରେ !

ତୁମେ ନାହଁ, ତମ ଲୁଗା ନାହିଁ
ତମର ବିଛଣା ଶେଯ ବି ନାଇଁ ।
ତମାଖୁ ଡବାର ଖାଲିପଣ,
ଖାଲ ଖୋଳେ ମୋ' ଛାତିରେ
ଖାଲି ଖାଲି
ଏ ଦି'ପହରରେ !

ତୁମେ ଯାଇଛ ।
ଯାଇଛି ତୁମ ଉଦାସ ମୁହଁର
ଚିକ୍ ଚିକ୍ ଆଖି ।
ରହିଛି ତମ ଲାଗି କୋହ
ତୁମ ମୋହ
ଫିକା ଫିକା ପଣତ ତଳର
ମଙ୍ଗଳସୂତ୍ର ତା'ର ସାକ୍ଷୀ ।

ତୁମେ ଗଲ
ଗଲା ତୁମ ସାଧବ ବୋହୂର ଚାଲି ।
ଗୋଲ ଟୋପା ତଳେ ଥିବା ପୂର୍ଣ୍ଣତା
ସଂପର୍କର ଅଲିଭା ସଳିତା । ।



# ଜୀବନ

**ଗୌରାଙ୍ଗ ଚନ୍ଦ୍ର ଦାଶ**

ଜୀବନ
କଉଁଠି ଫୁଲର ଶେଜରେ
ତ' କେଉଁଠି କଣ୍ଟାବଣରେ..
କଉଁଠି ଘିଅ ମହୁରେ
ପହଁରୁଛି ଜୀବନ
ତ' କେଉଁଠି ହାଉଁ ହାଉଁ
ପେଟ ଭିତରେ
ଛଟ୍‌ପଟଉଛି
ପାଣି ବିହୀନ ମାଛ ପରି ।

ହୋଟେଲ ସାମ୍ନାରେ ଥାଳି ଥାଳି
ଗୁଲୁଗୁଲା, ବରା, ସମୋସା
ଲାଳ ଗଡ଼ିଯାଉଥାଏ
ଭୋକିଲା ପିଲାଟିର
ପେଟ ପାତାଳକୁ ଲାଗି
ଯାଇ ସାରିଥାଏ
କେତେବେଳୁ....
କେତେବେଳେ ଥାଳି ଉପରେ ଆଖି
ତ' କେତେବେଳେ
ହୋଟେଲ ମାଲିକକୁ
ଆଉ କେତେବେଳେ ଦେଖଣା ବାଲାଙ୍କୁ
ଯାହା ହେଲେ ହେବ ଭାବି
ବିକଳ ପିଲାଟି
ହାତ ବଢ଼େଇଛି କି ନାଇଁ ଗୁଲୁଗୁଲା ଥାଳିକୁ
ଧାଇଁ ଆସିଲା ହୋଟେଲ୍ ମାଲିକ ଓ
ପିଠିରେ ଲଗେଇଲା ଗୋଟେ ଜୋର୍‌ସୋର୍
ପିଲାଟି ଚିର୍ଲ୍ଲେଇଲା– "ମରିଗଲି....."
ମାଲିକ ବି ଗର୍ଜିଲା– ଶଳା ଧନ୍ଦା ଲଗେଇଛୁ,
ଆଉ ଥରେ ଯଦି ହୋଟେଲ ସାମ୍ନାକୁ ଆଇଛୁ
ହାତ କାଟି ଚୁଲ୍‌ହାରେ ଦେଇଦେବି ।

ଭୋକ ଅଥଚ କୁଆଡ଼େ କୁଆଡ଼େ
ଓଟାରି ନେଉଥାଏ ତା'କୁ
ଏଥର ହୋଟେଲ ପଛକୁ
ଧାଇଁଲା ପିଲାଟି ଅତର୍‌ଛା
ଅଇଁଠା ପତର ଚାଟିବା ଲୋଭରେ...
ସେଠି କୁକୁରଙ୍କ ଭିଡ଼ ଜୋର୍ ।
ସେଇ ଭିଡ଼ ଭିତରେ ପଶି
ପତର ଚାଟି ଚାଟି
ଅଣ୍ଡାଳୁଥାଏ ସେଇଠି ଜୀବନ
ବିକଳ ପିଲାଟି ।

କଉଁଠି ମହ ମହ ବାସ୍ନାରେ
ମସ୍‌ଗୁଲ୍ ଜୀବନ
କଉଁଠି ଅଇଁଠା ପତର ଚାଟୁଛି
କୁକୁର ଭିଡ଼ରେ !!

# ଗ୍ରାମ୍ୟ ସଡକ ଓ ପୋଲ ନିର୍ମାଣରେ ରାଜ୍ୟର ସଫଳତା




ଭୁବନେଶ୍ୱର, (ନିପ୍ର) : ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬୨ ହଜାର କିମି ସଡକ ଏବଂ ୪୧୨ଟି ପୋଲ ନିର୍ମାଣ ସରିଛି । ଏଥିରେ ପ୍ରାୟ ୨୬ହଜାର କୋଟି ବିନିଯୋଗ ହୋଇଛି । ଏହି ଯୋଜନା ଅଧିନରେ ୩ୟ ପର୍ଯ୍ୟାୟର ୨ୟ ଦଫାରେ ୩୪୩୫ କିମି ସଡକ ଏବଂ ୭୭ଟି ପୋଲ ନିର୍ମାଣ କରାଯିବ । ଏହି ନୂତନ ପ୍ରକଳ୍ପ ଗୁଡିକରେ ପ୍ରାୟ ୨୨୨୯ କୋଟି ଟଙ୍କା ବିନିଯୋଗ ହେବ । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି । ଏହି ସଫଳତା ରାଜ୍ୟର ଜନସାଧାରଣଙ୍କ ସମସ୍ତ ପ୍ରକାର ସମୃଦ୍ଧିରେ ବିଶେଷ ସହାୟକ ହୋଇଛି ।

# ଅଙ୍ଗନବାଡ଼ି କର୍ମୀ ସ୍ନେହଲତା ମେହେରଙ୍କ ଆକସ୍ମିକ ବିୟୋଗ

ବରଗଡ଼, (ନିପ୍ର) : ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଗ୍ରାମର କୁମ୍ଭାରପଡ଼ାର ଦୁର୍ବାଦଳ ମେହେରଙ୍କ ଧର୍ମପତ୍ନୀ ସ୍ନେହଲତା ମେହେର (୪୭)ଙ୍କ ଆକସ୍ମିକ ବିୟୋଗ ହୋଇଯାଇଛି । ସେ ୧୯୯୭ ମସିହାରୁ ସତଲମା ଗ୍ରାମର ତିନି ନମ୍ବର ୱାର୍ଡର ଅଙ୍ଗନବାଡ଼ି କର୍ମୀ ଭାବେ କାର୍ଯ୍ୟଭାର ସମ୍ଭାଳି ଆସୁଥିଲେ । କିଛି ଦିନ ତଳେ ହଠାତ ଅସୁସ୍ଥ ହେବାରୁ ତାଙ୍କୁ ଗତ ୧୪ ତାରିଖ ଦିନ ବରଗଡର ଏକ ଘରୋଇ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ସେଠାରେ ହଠାତ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ତାଙ୍କ ପରଲୋକ ହୋଇଯାଇଛି । ତାଙ୍କର ଦୁଇଟି ପୁଅ ଓ ତାଙ୍କ ସ୍ୱାମୀ ତଥା ପରିବାରକୁ ଛାଡି ଚାଲିଯାଇଛନ୍ତି । ତାଙ୍କର ବଡପୁଅ ଉତ୍ତମ ମୁଖାଗ୍ନି ଦେଇଥିଲେ । ତାଙ୍କ ପରିବାରକୁ ସରକାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଜନସାଧାରଣରେ ଦାବୀ ହେଉଛି ।



## ଏନ୍‌ଆଇଟି ରାଉରକେଲାର ..... (ଦ୍ୱିତୀୟ ପୃଷ୍ଠାର ଅବିଶିଷ୍ଟାଂଶ)

ଉପସ୍ଥିତ ଅଛନ୍ତି ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି । ଜାଣିବାକୁ ପାଇଲି ଯେ ଏଠାରେ ପାଠ ପଢୁଥିବା ୭୧୧୬ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୫୧୮ ବା ପ୍ରାୟ ୨୧ ଶତାଂଶ ଛାତ୍ରୀ । ମୁଁ ଦେଖୁଛି ଆଜି ୭ଟି ସ୍ୱର୍ଣ୍ଣପଦକ ମଧ୍ୟରୁ ୩ଟି ଛାତ୍ରୀମାନେ ପାଇଛନ୍ତି । ଭାରତର ରାଷ୍ଟ୍ରପତି ଭାବରେ ମୁଁ ଦେଶର ପ୍ରାୟ ୧୫୦ କେନ୍ଦ୍ରୀୟ ଅନୁଷ୍ଠାନର ଭିଜିଟର ବା ପରିଦର୍ଶକ । ଅଧିକାଂଶ ସମାବର୍ତ୍ତନ ଉତ୍ସବରେ ଯେଉଁଠି ଯୋଗ ଦେଇଛି ମୁଁ ଦେଖିବାକୁ ପାଇଛି ଯେ ଆମ ଝିଅମାନେ ପୁଅମାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରୁଛନ୍ତି । ସେମାନେ ଉଦାରକଳା, ମନୁଷ୍ୟ ଜାତି ସମନ୍ଧୀୟ ବିଜ୍ଞାନ ଓ କଳା, ଭେଷଜ ବିଜ୍ଞାନ, ଆଇନ ଏବଂ ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିବା ସହ ସ୍ୱର୍ଣ୍ଣପଦକ ଲାଭ କରୁଛନ୍ତି । ଏହା ଏକ ଆନନ୍ଦଦାୟକ ଧାରାଏବଂ ଆମ କନ୍ୟାମାନଙ୍କର ଦକ୍ଷତାକୁ ପ୍ରତିପାଦନ କରୁଛି ।

ତେବେ ସେ ଯାହାହେଉ ଏହା ଅନୁଭୂତ ହେଉଛି ଯେ ବୈଷୟିକ ଓ ବୈଜ୍ଞାନିକ ଶିକ୍ଷାରେ ଝିଅମାନଙ୍କ ନାମଲେଖା ଓ ପାଠ ପଢା ହାର କମ୍ ରହୁଛି । ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ ଭାରତରେ ଇଂଜିନିୟରିଂ ଓ ଟେକ୍‌ନିକାଲ ପ୍ରତିଷ୍ଠାନରେ ଝିଅମାନଙ୍କ ନାମଲେଖା ହାର ମାତ୍ର ୨୦ ଶତାଂଶ । ଆମ ଝିଅମାନେ ଏ କ୍ଷେତ୍ରରେ ଅଧିକରୁ ଅଧିକ ନାମ ଲେଖାଇ ଅନ୍ୟାନ୍ୟ କ୍ଷେତ୍ରଭଳି ଉତ୍କର୍ଷ ପ୍ରତିପାଦନ କରିବାକୁ ସେମାନଙ୍କୁ ପ୍ରୋତ୍ସାହିତ କରାଯିବାର ଆବଶ୍ୟକତା ରହିଛି । ଉଚ୍ଚତର ଶିକ୍ଷା, ବିଶେଷ କରି ଇଂଜିନିୟରିଂ, ବିଜ୍ଞାନ, ଟେକ୍‌ନୋଲୋଜି ଓ ଗଣିତ ଆଦି କ୍ଷେତ୍ରରେ ଝିଅମାନଙ୍କର ଅଧିକ ପ୍ରତିନିଧିତ୍ୱର ଆବଶ୍ୟକତା ରହିଛି । ବୈଷୟିକ କ୍ଷେତ୍ରରେ ମହିଳାମାନଙ୍କର ଅଭିବୃଦ୍ଧି ଓ ଉତ୍କର୍ଷ ଆମ ଜାତୀୟ ବିକାଶକୁ ନୂଆ ଦିଗ୍‌ଦର୍ଶନ ଦେବ । ଏହାବିଜ୍ଞାନ ଓ କାରିଗରୀ ଭଳି ଉଚ୍ଚସ୍ତରରେ ଲିଙ୍ଗଗତ ସଶକ୍ତୀକରଣକୁ ମଜଭୁତ କରିବ । ଆହୁରି ମଧ୍ୟ ଏକ ବିଂଶ ଶତାବ୍ଦୀରେ ମହିଳାମାନେ ନୂଆ ଉଚ୍ଚତାକୁ ସ୍ପର୍ଶ କରି ସେ କ୍ଷେତ୍ରରେ ଥିବା ପ୍ରତିବନ୍ଧକକୁ ଭାଙ୍ଗିପାରିବେ । ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ପୂର୍ବରୁ ମୁଁ ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଅନୁଷ୍ଠାନର କୁଳପତି ଏବଂ ନିର୍ଦ୍ଦେଶକ ମାନଙ୍କ ସହ ଆଲୋଚନା ଓ ମତ ବିନିମୟ କରିଥିଲି । ଏହି ଶିକ୍ଷାନୀତିରେ ଉଲ୍ଲେଖ ଅଛି ଯେ ଇଂଜିନିୟରିଂ ପ୍ରତିଷ୍ଠାନଗୁଡିକ ଅଧିକ ସାମଗ୍ରିକ ଏବଂ ବହୁ ବିଷୟକ ଶିକ୍ଷା ବ୍ୟବସ୍ଥା ପ୍ରବର୍ତ୍ତନ କରିବା ଉଚିତ । ଆହୁରି ମଧ୍ୟ କଳା ଓ ମାନବୀୟ ବିଜ୍ଞାନ ବିଷୟକ ଶିକ୍ଷା ଉପରେଏହା ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ମୁଁ ଜାଣି ଖୁସି ହେଲି ଯେ ଏନଆଇଟି ରାଉରକେଲା ଇତିମଧ୍ୟରେ ଏ ଦିଗରେ ଅନେକ କିଛି କାର୍ଯ୍ୟକ୍ରମ ଆରମ୍ଭ କରିଛି । ଆହୁରି ମଧ୍ୟ କଳା ଓ ମାନବୀୟ ବିଜ୍ଞାନ ବିଷୟକ ଶିକ୍ଷା ଉପରେଏହା ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ମୁଁ ଜାଣି ଖୁସି ହେଲି ଯେ ଏନଆଇଟି ରାଉରକେଲା ଇତିମଧ୍ୟରେ ଏ ଦିଗରେ ଅନେକ କିଛି କାର୍ଯ୍ୟକ୍ରମ ଆରମ୍ଭ କରିଛି । ମୁଁ ନିଶ୍ଚିତ ଯେ ଆପଣମାନେ ଏହି ପ୍ରକ୍ରିୟାକୁ ଆହୁରି ଆଗକୁ ନେବା ସହିତ ଜାତୀୟ ଶିକ୍ଷା ନୀତିର ସୁପାରସିଗୁଡ଼ିକୁ କାର୍ଯ୍ୟକାରୀ କରିବେ ଏବଂ ଏକବିଂଶ ଶତାବ୍ଦୀରେ ଭାରତକୁ ବିଶ୍ୱର ଜ୍ଞାନଶକ୍ତିରେ ପରିଣତ କରିବାରେ ସହାୟକ ହେବେ । ଏହି ଜାତୀୟ ଲକ୍ଷ୍ୟ ହାସଲରେ ଏନ୍‌ଆଇଟି ରାଉରକେଲା ଭଳି ଅନୁଷ୍ଠାନ ଗୁଡିକୁ ଏକ ବଡ଼ ଭୂମିକା ନିର୍ବାହ କରିବାକୁ ପଡିବ । ମୁଁ ପୁଣି ଥରେ ଆପଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ସୁଖି, ସଫଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି । ମୁଁ ମଧ୍ୟ ଏହି ଅନୁଷ୍ଠାନର ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀମାନଙ୍କର ପରିବାର ସଦସ୍ୟ, ଅଭିଭାବକମାନଙ୍କୁ ଆଜିର ଏହି ସ୍ମରଣୀୟ ଦିବସରେ ଅଭିନନ୍ଦନ ଜଣାଉଛି । ଧନ୍ୟବାଦ । ଜୟହିନ୍ଦ୍ ।

# ଓସିଏ ଭିଜନ ୨୦୨୪ : ନାଏକ ଏକାଡେମି ଓ ଖପ୍ରାଖୋଲ ଦଳ ବିଜୟୀ



ବଲାଙ୍ଗିର, (ନିପ୍ର) : ଓସିଏ ଭିଜନ ୨୦୨୪ର ସିନିଅର ଇନଟ୍ରାକ୍ଲବ କ୍ରିକେଟ ପ୍ରତିଯୋଗିତା ଆଜି ଦୁଇଟି ମ୍ୟାଚ ଆୟୋଜିତ ହୋଇଯାଇଛି । ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ମ୍ୟାଚରେ ନାଏକ କ୍ରକେଡ ଏକାଡେମି ବିଜୟ ଲାଭ କରିଥିବା ବେଳେ ପାଟଣାଗଡ ଷ୍ଟାଡିଆମ ଠାରେ ଅନୁଷ୍ଠିତ ମ୍ୟାଚରେ ଖପ୍ରାଖୋଲ ଦଳ ବିଜୟୀ ହୋଇଛି । ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ମ୍ୟାଚ୍‌ରେ ଆଜି ନାଏକ କ୍ରିକଟେ ଏକାଡେମି ଓ ବଙ୍ଗୋମୁଣ୍ଡା କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବଙ୍ଗୋମୁଣ୍ଡା କ୍ରିକେଟ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ବଙ୍ଗୋମୁଣ୍ଡା ଦଳ ୧୮.୫ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୫୮ ରନ୍ କରିବାକୁ ସମର୍ଥ ହୋଇଥିଲେ । ଦଳ ତରଫରୁ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କରେ ପହଁ* ପାରି ନଥିଲେ । ନାଏକ ଏକାଡେମି ତରଫରୁ ସତ୍ୟଜିତ ସିଂଦେଓ ସର୍ବାଧିକ ୬ ଗୋଟି ଓ ଅଙ୍କିତ ପଣ୍ଡା ୨ ଗୋଟି ୱିକେଟ ଅକ୍ତିଆର କରିଥିଲେ । ୫୯ ରନ୍‌ର ଲକ୍ଷକୁ ପିଛା କରିବାକୁ ଯାଇ ନାଏକ ଏକାଡେମି ମାତ୍ର ୮.୧ ଓଭରେ ୫୯ରନ ସଂଗ୍ରହ କରି ନେଇଥିଲେ । ନାଏକ ଏକାଡେମି ତରଫରୁ ରାହୁଲ ସାହୁ ୨୧ରନ୍ ଓ କିଶନ ନାଏକ ଅପାରିଜିତ ୧୯ ରନ ସଂଗ୍ରହ କରିଥିଲେ । ବଙ୍ଗୋମୁଣ୍ଡା ଦଳ ତରଫରୁ ସମୀର କାଲସାଏ ଓ ପିଙ୍କୁ ହିଆଲ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ନାଏକ ଏକାଡେମିର ସତ୍ୟଜିତ ସିଂଦେଓଙ୍କୁ ତାଙ୍କ ବୋଲିଂ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଖେଳାଳୀ ଭାବେ ମନୋନୀତ କରାଯାଇଥିଲା । ଏହି ମ୍ୟାଚକୁ ଓସିଏ ମାନ୍ୟତା ପ୍ରାପ୍ତ ଅମ୍ପୟାର ପୃଥ୍ୱୀରାଜ ମିଶ୍ର ଓ ନାରାୟଣ ମେହେର ପରିଚ୍ଳାଳନା କରିଥିବା ବେଳେ ସ୍ୱାଗତ ଶୁଭଙ୍କର ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ । ସେହିପରି ପାଟଣାଗଡ ଷ୍ଟାଡିଅୟଠାରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତା ଆଜି ଲାୟନ୍ସ କ୍ରିକେଟ ଏକାଡେମି ଓ ଖପ୍ରାଖୋଲ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖପ୍ରାଖୋଲ ଦଳ ଟସ ଜିତିବା ସହ ପ୍ରଥମେ ବେଟିଂ କରି ୫୦ ଓଭରରେ ୯ ୱିକେଟ ବିନିମୟରେ ୩୨୫ ରନର ବିଶାଳ ସ୍କୋର କରିଥିଲା । ଦଳ ତରଫରୁ ସଂଗ୍ରାମ ବାହୁକ ସର୍ବାଧିକ ୧୧୬ ଓ ସୁଜିତ ଅପରାଜିତ ୫୯ରନ୍ କରିଥିଲେ । ଲାୟନ୍ସ ଏକଡେମି ତରଫରୁ ରୋଶନ ପାଣିଗ୍ରାହୀ ସର୍ବାଧିକ ୪ ଗୋଟି ଓ ଦେବଦତ୍ତ ମେହେର ୨ ଗୋଟି ୱିକେଟ ଅକ୍ତିଆର କରିଥିଲେ । ୩୨୬ ରନ୍‌ର ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଲାୟନ୍ସ ଏକାଡେମି ନିର୍ଦ୍ଧାରିତ ୫୦ ଓଭରେ ୮ ୱିକେଟ ହରାଇ ମାତ୍ର ୨୧୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ । ଲାୟନ୍ସ ଏକାଡେମି ତରଫରୁ ରୋଶନ ୮୧ ଓ ଶ୍ରେୟଶ କୁଅଁର ୩୩ ରନ କରିଥିଲେ । ଖପ୍ରାଖୋଲ ଦଳ ତରଫରୁ ସଂଗ୍ରାମ ବାହୁକ, ପ୍ରଶାନ୍ତ ସାହୁ ଓ କ୍ଷମାସିନ୍ଧୁ ସାହୁଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା । ଫଳରେ ଖପ୍ରାଖୋଲ ଦଳ ୧୧୫ରନରେ ବିଜୟୀ ହୋଇଥିଲେ ।

ଏହି ମ୍ୟାଚରେ ସଂଗ୍ରାମ ବାହୁକ ଓ ରୋଶନ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରିଥିଲେ । ମ୍ୟାଚକୁ ଓସିଏ ମାନ୍ୟତା ପ୍ରାପ୍ତ ଅମ୍ପିୟାର ରାଜେନ୍ଦ୍ର ସେଠ ଓ ସ୍ମିଥ ଦଲେଇ ପରିଚାଳନା କରିଥିବା ବେଳେ ଶୁଭମ ନାୟକ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ ।

CNC RISES TO NEW HEIGHTS Toppers are Born Here

CNC College CNC_College_BGR

CNC COLLEGE Nice College of Commerce Inspiring Lives

# କ୍ୟାରିଅର ସମ୍ପର୍କରେ କିଛି ଜାଣିବା କଥା




- ବେବଳ ଡାକ୍ତର, ଇଂଜିନିୟର ଓ ପ୍ରଶାସକ ହିଁ ଦେଶର ଭବିଷ୍ୟତ ନୁହନ୍ତି
- ମାନସିକତାରେ ପରିବର୍ତ୍ତନ କରିବା ସମୟ ଉପନୀତ
- ଆଧୁନିକ ଯୁଗର କ୍ୟାରିଅର ଗତାନୁଗତିକତାରୁ ଊର୍ଦ୍ଧ୍ୱରେ ରହିଛି



## କଣ ପଢ଼ିବେ ?








## କେଉଁଠି ପଢ଼ିବେ ?










## Nice College of Commerce

Day Boarding/ Residential College for +2 & +3 Commerce, Circuit House Road, BALANGIR, visit us www.cnccollegebalangir.in 8895589784, 7790034136

# କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟରେ 'ଗାନ୍ଧୀଙ୍କ ଓଡିଶା' ନାଟକ ପରିବେଷଣର ପ୍ରାକ୍‌କାଳୀନ ସାମ୍ବାଦିକ ସମ୍ମିଳନୀ




ବଲାଙ୍ଗିର, (ନିପ୍ର) : ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଥର ଓଡିଶା ଆଗମନର ଏକଶତ ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ଆନୁକୁଲ୍ୟରେ ତଥା ଓଡିଶା ସଙ୍ଗୀତ ନାଟକ ଏକାଡେମୀ ବ୍ୟବସ୍ଥାପନାରେ ନାଟକ 'ଗାନ୍ଧୀଙ୍କ ଓଡିଶା' ଚିତ୍ର, ସଙ୍ଗୀତ, ନୃତ୍ୟ ଓ ନାଟକ ଶିକ୍ଷାନୁଷ୍ଠାନ କଳାଧାମ ଆର୍ଟ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ସ୍ଥାନୀୟ ଆଇନ ମହାବିଦ୍ୟାଳୟ, ବଲାଙ୍ଗିର ଠାରେ ୨୩ ମାର୍ଚ୍ଚ ୨୦୨୧ ସନ୍ଧ୍ୟା ୭ ଘଂଟା ସମୟରେ ପରିବେଶିତ ହେବ ।

ଉକ୍ତ ନାଟକର ନିର୍ଦ୍ଦେଶକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କଳାଧାମର ଅଧ୍ୟକ୍ଷ ତଥା ନାଟକର କଳା ଓ ସଙ୍ଗୀତ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସିଂହଦେଓ ତଥା ସଭାପତି ମଧୁସୂଦନ ନାୟକଙ୍କ ଉପସ୍ଥିତିରେ ତେଲିଗୋଠପଡା ରେଲୱେ ଷ୍ଟେସନ ରୋଡ ସ୍ଥିତ 'କଳାଧାମ' ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ ନାଟକର କଥାବସ୍ତୁ, ବିଭିନ୍ନ ଚରିତ୍ର ଅଭିନୟ କରିଥିବା କଳାକାର ଆଦିଙ୍କ ପରିଚୟ ପ୍ରଦାନ କରାଯାଇଥିଲା । ଏହି ସମ୍ମିଳନୀରେ ଉଭୟ ମୁଦ୍ରଣ ଓ ବୈଦ୍ୟୁତିକ ମାଧ୍ୟମର ୩୦ଜଣ ପ୍ରତିନିଧି ଯୋଗଦେଇ ନାଟକର ସଫଳତା କାମନା କରିଥିଲେ ।

# ଡ.ବିପିନ କୁଶୁଲିଆ ଭିଲେଜର୍ସ ଇଣ୍ଡିଆ ପାର୍ଟି ପ୍ରଦେଶ ଅଧ୍ୟକ୍ଷ ଭାବେ ପୁନଃ ମନୋନିତ



ବଲାଙ୍ଗିର, (ନିପ୍ର) : ଭିଲେଜର୍ସ ଇଣ୍ଡିଆ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବଲାଙ୍ଗିରରେ ଅନୁଷ୍ଠିତ ହୋଇଯାଇଛି । ଭିଲେଜର୍ସ ଇଣ୍ଡିଆ ପାର୍ଟିର ସଂସ୍ଥାପକ ଅଧ୍ୟକ୍ଷ ଡ. ବିପିନ କୁଶୁଲିଆ ପୁନଃ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମୌଖିକ ଏବଂ ହସ୍ତ ଉତୋଳନ ଭୋଟରେ ସର୍ବ ସମ୍ମତି କ୍ରମେ ପୁନଃ ପ୍ରଦେଶ ଅଧ୍ୟକ୍ଷ ଭାବେ ମନୋନିତ ହେବା ସହ ପ୍ରଦେଶ ଉପାଧ୍ୟକ୍ଷ ଭାବେ ସୁକାନ୍ତ କୁମାର ମହାପାତ୍ର, ପ୍ରଦେଶ ମହାସଚିବ ଭାବେ ନରେନ୍ଦ୍ର କୁମାର ପଟେଲ ଓ ପ୍ରଦେଶ କୋଷାଧ୍ୟକ୍ଷ ଭାବେ ଅନନ୍ତ ନାରାୟଣ ବନ୍ଦକି ମନୋନିତ ହୋଇଛନ୍ତି । ଭିଲେଜର୍ସ ଇଣ୍ଡିଆ ପାର୍ଟିର ବର୍ତମାନ ରାଜ୍ୟ, ଜିଲ୍ଲା, ବ୍ଲକ ଓ ବିଭିନ୍ନ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ ମନୋନିତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ତା.୦୧.୦୯.୨୦୨୦ରେ ଭିଲେଜର୍ସ ଇଣ୍ଡିଆ ପାର୍ଟି ଓଡିଶାର ଏକ ରାଜନୈତିକ ଦଳ ଭାବେ ନିର୍ବାଚନ ଆୟୋଗ ପଞ୍ଜୀକୃତ କରିଛନ୍ତି ।




# ରାଜ୍ୟ ଜୁନିୟର କବାଡି ଦଳରେ ସ୍ଥାନ ପାଇଲେ ବଲାଙ୍ଗିର ଜିଲ୍ଲାର ଦେବବ୍ରତ କଦମ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାର ଦେବବ୍ରତ କଦମଙ୍କ ଓଡିଶା ରାଜ୍ୟ କବାଡି ଦଳରେ ଚୟନ ହୋଇଛି । ଆସନ୍ତା ମାର୍ଚ୍ଚ ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ତେଲାଙ୍ଗାନା ସୂର୍ଯ୍ୟାପେଠ ଠାରେ ଅନୁଷ୍ଠିତ ହେବାକୁ ଥିବା ୪୭ତମ ଜାତୀୟ କନିଷ୍ଠ କବାଡି ପ୍ରତିଯୋଗିତାରେ ଦେବବ୍ରତ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରିବେ । ପ୍ରକାଶ ଥାଉକି ଏହା ପୁର୍ବରୁ ମଧ ସେ ୫ ଥର ରାଜ୍ୟ ଦଳ ତରଫରୁ ଖେଳିଛନ୍ତି । ଦେବବ୍ରତ ବଲାଙ୍ଗିର ଜିଲ୍ଲା ପାଟଣାଗଡ ସହର ବଡପଡାର ବିଭୁଭୁଷଣ କଦମ ଓ ବିଜୟ ଲକ୍ଷ୍ମୀ କଦମଙ୍କ ଏକ ମାତ୍ର ପୁତ । ରାଜ୍ୟ ଦଳରେ ତାଙ୍କର ଚୟନ ପାଇଁ ଜିଲ୍ଲା କ୍ରୀଡାସଂସଦ ତରଫରୁ କାର୍ଯ୍ୟକରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର ଓ ପ୍ରହ୍ଲାଦ ଶତପଥି, ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ, ସହ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ସତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ପ୍ରଭାତ ମିଶ୍ର, କବାଡି ସମ୍ପାଦକ ବିଭୁତି ଭୁଷଣ ପଣ୍ଡା ତଥା ସଦସ୍ୟମାନେ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

ତେବେ ଦେବବ୍ରତଙ୍କ କୃତୀତ୍ୱ ସାରା ବଲାଙ୍ଗିର ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଦେବ ବୋଲି ବୁଦ୍ଧିଜୀବୀ ଓ କ୍ରୀଡ଼ାପ୍ରେମୀ ମହଲରେ ଆଶା ବ୍ୟକ୍ତ କରାଯାଇ ଶୁଭକାମନା ପ୍ରଦାନ କରାଯାଇଛି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com